ଟିପ୍ପଣୀ

# ଏକକ ୧ : ସମାଜ ଓ ଶିକ୍ଷା

**ସଂରଚନା**

୧.୦ ଉପକ୍ରମ

୧.୧ ଶିକ୍ଷଣ ଉଦ୍ଦେଶ୍ୟ ସମୂହ

୧.୨ ସମାଜ: ଅର୍ଥ ଏବଂ ଏହାର ଅନୁଷ୍ଠାନ ସମୂହ

୧.୩ ଭାରତୀୟ ସମାଜର ଉଦ୍ଭ୍ୟୁଦୟ

୧.୪ ସମାଜ ଓ ଶିକ୍ଷାର ସଂଯୋଗ ସମୂହ

୧.୫ ସମାଜର ଏକ ଅଙ୍ଗ ରୂପେ ବିଦ୍ୟାଳୟ

୧.୬ ସାରାଂଶ

୧.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧.୯ ଶବ୍ଦକୋଷ ଓ ସଂକ୍ଷିପ୍ତ ରୂପ

୧.୧୦ ପାଠାନ୍ତ ପ୍ରଶ୍ନାବଳୀ

## ୧.୦ ଉପକ୍ରମ

ଏହି ଏକକରେ ତୁମେ ସମାଜ କ'ଣ, ଭାରତୀୟ ସମାଜର ସ୍ୱରୂପ ଏବଂ ବ୍ୟକ୍ତି ଓ ସମାଜ ମଧ୍ୟରେ ଛନ୍ଦାଛନ୍ଦି ସମ୍ପର୍କ ବିଷୟରେ ଶିକ୍ଷାଲାଭ କରିବ । ଏହା ମଧ୍ୟ ସମାଜର ବିଭିନ୍ନ ଅନୁଷ୍ଠାନ ଯେପରି ପରିବାର, ଶିକ୍ଷା, ଧର୍ମ, ରାଜନୀତି, ଅର୍ଥନୀତି ଆଦିକୁ ଚିତ୍ରଣ କରିଥାଏ । ଏହିସବୁ ଅନୁଷ୍ଠାନ ଜରିଆରେ ତୁମେ ଏହାର ମୌଳିକ ସଂରଚନା ଏବଂ ସମାଜରେ ଏହାର କାର୍ଯ୍ୟ ବିଷୟରେ ଜାଣିବ । ଏହି ଏକକର ଶିରୋନାମା ସମାଜ ଓ ଶିକ୍ଷା ହୋଇଥିବାରୁ ସେଥିପାଇଁ ସମାଜ ଓ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ସମ୍ପର୍କକୁ ବୁଝିବା ଉପରେ ବିଶେଷ ଧ୍ୟାନ ଦିଆଯାଇଛି । ଶୈକ୍ଷିକ ଅନୁଷ୍ଠାନଗୁଡ଼ିକ ସମାଜର ପ୍ରମୁଖ ଅଙ୍ଗ ଏବଂ ଶିକ୍ଷଣ ସାମାଜିକ ଉତ୍ପାଦନ ଅଟେ । ତେଣୁ, ସମାଜ ଓ ମାନବଜାତିର ବିକାଶରେ ଶିକ୍ଷା ବ୍ୟବସ୍ଥାର ପ୍ରମୁଖ ଅବଦାନ ସଂକ୍ରାନ୍ତରେ ତୁମେ ଶିକ୍ଷା କରିବ । ଅନ୍ୟପକ୍ଷରେ, ସାମାଜିକ-ସାଂସ୍କୃତିକ ଉପାଦାନ, ଅର୍ଥନୈତିକ ପରିବେଶ ଏବଂ ରାଜନୈତିକ ସ୍ଥିତି ଆଦି ପ୍ରସଙ୍ଗକୁ ଅନୁସରଣ କରି, ସମାଜର ନିୟମ ଓ ମୂଲ୍ୟବୋଧ ଦ୍ୱାରା ମଧ୍ୟ ଶୈକ୍ଷିକ ଅନୁଷ୍ଠାନଗୁଡିକର ସ୍ୱରୂପ ଓ ବିକାଶ ଗଠିତ ହୋଇଥାଏ ।

## ୧.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ଅଧ୍ୟୟନ କରିବା ପରେ ତୁମେ ଜାଣିବାକୁ ସକ୍ଷମ ହେବ-

- ସମାଜର ସଂଜ୍ଞା ନିରୂପଣ ଓ ଏହାର ବିଭିନ୍ନ ଅନୁଷ୍ଠାନର ଗଠନ, ସେମାନଙ୍କ ସମ୍ପର୍କ ଏବଂ କାର୍ଯ୍ୟ

- ଭାରତୀୟ ସମାଜର ସ୍ୱରୂପ ବର୍ଣ୍ଣନା, ଏହାର ଉଦ୍ଭବ ଏବଂ ଶିକ୍ଷା ବ୍ୟବସ୍ଥା ସହ ସମ୍ପର୍କ
- ସମାଜ ଓ ଶିକ୍ଷା ମଧ୍ୟରେ ଯୋଗସୂତ୍ରର ବିଶ୍ଳେଷଣ
- ସମାଜର ଏକ ଅଙ୍ଗ ଭାବେ ବିଦ୍ୟାଳୟ ଭୂମିକା ସଂକ୍ରାନ୍ତ ଆଲୋଚନା

## ୧.୨ ସମାଜ: ଅର୍ଥ ଏବଂ ଏହାର ବିଭିନ୍ନ ଅନୁଷ୍ଠାନ

ସମାଜ 'ସମ୍ପର୍କର ଏକ ବୁଢ଼ୀଆଣୀ ଜାଲ' ଏବଂ ମାନବୀୟ ବ୍ୟବହାର ଓ ସମାଜର ବିଭିନ୍ନ ଅନୁଷ୍ଠାନକୁ ବୁଝିବାରେ ଏହିସବୁ ସମ୍ପର୍କ ମୌଳିକ ଆଧାର । ତୁମେ ନିଶ୍ଚିତଭାବେ ତୁମ ପରିବାର, ଗୋଷ୍ଠୀ ଓ ସମାଜରେ ବିଭିନ୍ନ ପ୍ରକାର ସମ୍ପର୍କ ବିଷୟରେ ଅବଗତ ଥିବ । ପରିବାର ମଧ୍ୟରେ ଯଥା- ମାତା, ପିତା, ପୁତ୍ର, କନ୍ୟା, ସ୍ୱାମୀ, ସ୍ତ୍ରୀ, ଭାଇ, ଭଉଣୀ ଆଦି ସମ୍ପର୍କମାନ ଅଛି ଯାହା ପ୍ରାଥମିକ ସମ୍ପର୍କୀୟ ଏବଂ ଦାଦା, ଖୁଡ଼ୀ, ପୁତୁରା, ଝିଆରୀକୁ ଦ୍ୱିତୀୟକ ସମ୍ପର୍କୀୟ କୁହାଯାଏ । ଆହୁରି ମଧ୍ୟ ତୃତୀୟକ ସମ୍ପର୍କ ରହିଛି ଯେମିତିକି ବନ୍ଧୁ, ପଡ଼ୋଶୀ ସମ୍ପର୍କ ଏବଂ ସେହିପରି ଏକାଧିକ ସମ୍ପର୍କ । ଏହି ସାମାଜିକ ସମ୍ପର୍କକୁ ସମାଜରେ ସେଗୁଡ଼ିକର ଭୂମିକା ଓ ଅବସ୍ଥାରୁ ବୁଝାଯାଇ ପାରିବ । ଜଣେ ବ୍ୟକ୍ତିର ସମୂହ କାର୍ଯ୍ୟାବଳୀ ହିଁ ଭୂମିକା ଅଟେ । ବିଦ୍ୟାଳୟର ପ୍ରଶାସନ ସମ୍ପର୍କିତ କାର୍ଯ୍ୟ ଓ ଶ୍ରେଣୀ ପରିସ୍ଥିତିରେ ଦଳଗତ କାର୍ଯ୍ୟ, ମୂଲ୍ୟାୟନ, ଶିକ୍ଷାଦାନ ସମ୍ପର୍କିତ ଅନେକ ଶ୍ରେଣୀକକ୍ଷ ସ୍ଥିତିରେ ଦଳଗତ କ୍ରିୟାକଳାପ ପରି ବିଭିନ୍ନ କାର୍ଯ୍ୟ ଏବଂ ବିଦ୍ୟାଳୟ ପ୍ରଶାସନ କାର୍ଯ୍ୟ ଜଣେ ଶିକ୍ଷକ ସମ୍ପାଦନ କରିଥାନ୍ତି । ସେହିପରି, ସେ (ପୁରୁଷ ବା ସ୍ତ୍ରୀ) ମଧ୍ୟ ପରିବାର ଓ ଅନ୍ୟାନ୍ୟ ସ୍ଥିତିରେ ବିଭିନ୍ନ କାର୍ଯ୍ୟ ପ୍ରଦର୍ଶନ କରିଥାନ୍ତି । ତେଣୁ, ଜଣେ ବ୍ୟକ୍ତି ଦୈନନ୍ଦିନ ଜୀବନରେ ବହୁବିଧ ଭୂମିକା ତୁଲାଇଥାନ୍ତି । ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ନିଜ ପିଲାମାନଙ୍କ ପାଇଁ ପିତାର ଭୂମିକା, ପିତାମାତାଙ୍କ ପାଇଁ ପୁତ୍ରର ଭୂମିକା, ପତ୍ନୀ ପାଇଁ ପତିର ଭୂମିକା, ସାନ ଭାଇଭଉଣୀଙ୍କ ପାଇଁ ଭାଇର ଭୂମିକା, ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷକର ଭୂମିକା ଏବଂ ଅନ୍ୟାନ୍ୟ ଭୂମିକା ତୁଲାଇଥାନ୍ତି । ଏହା ଦର୍ଶାଉଛି ଯେ ସାମାଜିକ ପୃଷ୍ଠଭୂମି ଅନୁସାରେ ଭୂମିକା ବଦଳିଥାଏ ଏବଂ ପ୍ରତ୍ୟେକ ଭୂମିକା ସମାଜରେ ଏକ ନିର୍ଦ୍ଦିଷ୍ଟ ପଦବୀର ସଂଶ୍ଳିଷ୍ଟ ଥାଏ; ଯାହାକୁ ସାମାଜିକ ସ୍ଥିତି କହନ୍ତି । ଉଭୟ ଭୂମିକା ଓ ସ୍ଥିତି ସମାଜର କେତେକ ନିୟମ ଓ ମୂଲ୍ୟବୋଧ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଅନ୍ୟ ଶବ୍ଦରେ, ଆମେ କହିପାରିବା ଯେ ନିୟମ ଓ ମୂଲ୍ୟବୋଧ ଯେକୌଣସି ସମାଜର ସମ୍ମିଳିତ ଚେତନା ଓ ଅଲିଖିତ ସମ୍ବିଧାନ ଅଟେ; ଯାହା ସମାଜର ସଦସ୍ୟଙ୍କୁ ଜଣା ଓ ଏଥିରେ କଟକଣା (ପୁରସ୍କାର ଓ ଦଣ୍ଡ) ମଧ୍ୟ ରହିଛି । ତେଣୁ ସାମାଜିକ ସମ୍ପର୍କ, ଭୂମିକା ଓ ସ୍ଥିତି, ନିୟମ ଓ ମୂଲ୍ୟବୋଧକୁ ବୁଝିବା ସମାଜକୁ ବୁଝିବାର କେନ୍ଦ୍ରୀୟ ପ୍ରସଙ୍ଗ ।

'ସମାଜ' ବା 'ସୋସାଇଟୀ' ଲାଟିନ୍ ଶବ୍ଦ ସୋସାଇଟସ୍‌ରୁ ଆସିଛି; ଯାହାର ଅର୍ଥ ବନ୍ଧୁ ଓ ସମର୍ଥକ । ଏହି ଶବ୍ଦକୁ ଏକ ଦଳ ମଧ୍ୟରେ ସମ୍ପର୍କ ବା ଭାବବିନିମୟକୁ ବୁଝାଇବା ପାଇଁ ବ୍ୟବହାର କରାଯାଏ । ଅନେକ ବୁଦ୍ଧିଜୀବୀ- ସମାଜବିଜ୍ଞାନୀ, ସାମାଜିକ ନୃତତ୍ତ୍ୱବିତ୍ ଏବଂ ଅନ୍ୟ ସମାଜବିଜ୍ଞାନୀମାନେ ସମାଜ ସଂକ୍ରାନ୍ତ ଧାରଣାର ସଂଜ୍ଞା ନିରୂପଣ କରିଛନ୍ତି । ସେହିସବୁ ସଂଜ୍ଞା ମଧ୍ୟରୁ ଅଧିକାଂଶ ସମାଜର ମୌଳିକ ଏକକ ଭାବେ ଦୁଇଟି ଉପାୟକୁ ଗ୍ରହଣ କରନ୍ତି- ପ୍ରଥମଟି 'ସାମାଜିକ କ୍ରିୟା' ଓ ଦ୍ୱିତୀୟଟି ହେଲା 'ପାରସ୍ପରିକ କ୍ରିୟା' । ଆମେରିକୀୟ ସମାଜବିଜ୍ଞାନୀ ମାକ୍‌ଆଇଭର୍ ଓ ପେଜ୍‌ଙ୍କ ମତରେ "ସମାଜ ହେଉଛି ବହୁବିଧ ଦଳ ଓ ବିଭାଗ କ୍ଷମତା ଓ ପାରସ୍ପରିକ ସହଯୋଗ, ମାନବୀୟ ବ୍ୟବହାରର ଓ କାର୍ଯ୍ୟ ପଦ୍ଧତିର ଏକ ଓ ସ୍ୱତନ୍ତ୍ରତାର ବ୍ୟବସ୍ଥା ବା ପ୍ରଣାଳୀ" । ଏଣୁ ଆମେ ସମାଜକୁ ପରସ୍ପର ସହ ଭାବବିନିମୟ କରୁଥିବା, ସମାନ ଅଞ୍ଚଳ, ସଂସ୍କୃତି ଓ ଜୀବନଯାପନ ପଦ୍ଧତିକୁ ଅନୁପାଳନ କରୁଥିବା ଲୋକଙ୍କର ଏକ ବିଶାଳ ସମୂହ ଭାବେ ଦେଖିପାରିବା । ଏହାର ବ୍ୟବହାର ଅତ୍ୟନ୍ତ ବ୍ୟାପକ ଏବଂ ଗୋଟିଏ କ୍ଷୁଦ୍ର ଗୋଷ୍ଠୀ(ଗାଁ)ରୁ ବିଶ୍ୱ ମାନବ ସମାଜ ପର୍ଯ୍ୟନ୍ତ, ସମୟ ଓ ଅଂଚଳ ଭିତରେ ବଦଳୁଥିବା ଆଦିମ ସଂସ୍କୃତିରୁ ଆଧୁନିକ ପରର ସଂସ୍କୃତି ପର୍ଯ୍ୟନ୍ତ ପରିବ୍ୟାପ୍ତ । ପରନ୍ତୁ ଗୋଷ୍ଠୀ ଓ ସମାଜର ଅବଧାରଣା ସମାନ ନୁହେଁ । ସମାଜ ଏକ ଅମୂର୍ତ୍ତ,

ବ୍ୟାପକ ଓ ସାଧାରଣ ଧାରଣା, ହୋଇଥିବା ବେଳେ, ଗୋଷ୍ଠୀ ସମାଜର ଏକ ଉପାଦାନ ଏବଂ ନିର୍ଦ୍ଦିଷ୍ଟ ଅଂଚଳ ଓ ନିବିଡ ସମ୍ପର୍କ ଦ୍ୱାରା ଚିହ୍ନିତ ଯାହାକୁ ଆପଣାର ଭାବ ଓ ସାଂସ୍କୃତିକ ଐକ୍ୟ ବୋଲି କୁହାଯାଏ । ଆମେରିକୀୟ ସମାଜବିଜ୍ଞାନୀ ଟାଲ୍‌କଟ୍ ପାର୍‌ସନ୍‌ସ ସମାଜ ପାଇଁ ସାମାଜିକ ବ୍ୟବସ୍ଥା ପଦକୁ ବ୍ୟବହାର କରୁଥିଲେ ଏବଂ ମାନବୀୟ ବ୍ୟବହାର ବ୍ୟାଖ୍ୟା କରିବା ପାଇଁ 'ପାରସ୍ପରିକ କ୍ରିୟା ପ୍ରତିକ୍ରିୟା'କୁ ବିବେଚନା କରୁଥିଲେ । ତାଙ୍କ ପାଇଁ ପ୍ରତ୍ୟେକ କାର୍ଯ୍ୟ ସାମାଜିକ ନୁହେଁ ଯେ ପର୍ଯ୍ୟନ୍ତ ପାରସ୍ପରିକ କ୍ରିୟା ପ୍ରତିକ୍ରିୟାରେ ଏକାଧିକ ଲୋକ ସମ୍ପୃକ୍ତ ନହୋଇଛନ୍ତି ।

### ବ୍ୟକ୍ତି ଓ ସମାଜ

ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ବା ଅନ୍ୟ ଏକ ସମାଜର ସଦସ୍ୟ ଅଟନ୍ତି । ସମାଜର ସଦସ୍ୟଭାବେ ତୁମେ ଗୋଷ୍ଠୀ ପାଇଁ ଉଲ୍ଲେଖନୀୟ ଅବଦାନ ରଖୁଥିବା ସମାଜର ବିଭିନ୍ନ ଅନୁଷ୍ଠାନଗୁଡ଼ିକ ସମ୍ପର୍କରେ ଅବଗତ ହେବା ଉଚିତ । ସମାଜ, ସାମାଜିକ ସମ୍ପର୍କ ଏବଂ ଏହାର ଗତିଶୀଳତାକୁ ଜାଣିବା ପାଇଁ ଏହାର ମୌଳିକ ଉପାଦାନ ଏକକ ଯଥା- ସାମାଜିକ ଅନୁଷ୍ଠାନ ଓ ସାମାଜିକ ପ୍ରକ୍ରିୟାକୁ ଜାଣିବା ପ୍ରାସଙ୍ଗିକ ଅଟେ । ସମାଜ ଓ ସାମାଜିକ ସମ୍ପର୍କର ଉତ୍ତମ କାର୍ଯ୍ୟକାରିତା ପାଇଁ ସୁପ୍ରତିଷ୍ଠିତ, ସହଜ ପରିଚିତ ଏବଂ ଅପେକ୍ଷାକୃତ ସ୍ଥାୟୀ ନିୟମ ଦ୍ୱାରା ପରିଚାଳିତ ମାନବୀୟ ବ୍ୟବହାରର ବିଭିନ୍ନ ଦିଗରେ ପ୍ରୟୋଗ ହେଉଥିବା ଏକ ନିୟମାବଳୀର ଢାଞ୍ଚା ଯାହାକୁ ସମାଜ ସୂଚୀତ କରେ । କେତେକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ହେଲା-ପରିବାର, ଶିକ୍ଷା, ଧର୍ମ, ଅର୍ଥନୀତି, ରାଜନୀତି ଯାହା ଏକ ନିର୍ଦ୍ଦିଷ୍ଟ ସମାଜର ନିୟମ ଓ ମୂଲ୍ୟବୋଧକୁ ଅନୁସରଣ କରି ବିଭିନ୍ନ ଭୂମିକା ତୁଲାଇଥାନ୍ତି । ଏବେ ଆମେ ସେହିସବୁ ଅନୁଷ୍ଠାନ ବିଷୟରେ ସବିଶେଷ ଅଧ୍ୟୟନ କରିବା ।

୧- ପରିବାର ହେଉଛି ପ୍ରଥମ ବିଦ୍ୟାଳୟ, ଯେଉଁଠାରେ ପିଲାମାନେ ସେମାନଙ୍କ ପ୍ରାରମ୍ଭିକ ଶିକ୍ଷଣ ଆରମ୍ଭ କରନ୍ତି । ମା' ଓ ପରିବାରର ଅନ୍ୟ ସଦସ୍ୟମାନେ ଶିକ୍ଷକଙ୍କ ଭୂମିକା ତୁଲାଇଥାନ୍ତି । ଏପରିକି, ଆନୁଷ୍ଠାନିକ ବିଦ୍ୟାଳୟ ବ୍ୟବସ୍ଥାରେ ବିଭିନ୍ନ ଭୂମିକା ଯଥା- ଶିକ୍ଷକ, ଛାତ୍ରଛାତ୍ରୀ ଏବଂ ପିତାମାତାମାନେ ସମାଜର ସଦସ୍ୟ ଥାନ୍ତି ଏବଂ ସର୍ବଦା ସେହି ସମାଜର ସାଂସ୍କୃତିକ ଭାବ ଓ ମୂଲ୍ୟବୋଧକୁ ବହନ ରଖନ୍ତି । ଏହି ସାଧାରଣ ସାଂସ୍କୃତିକ ଭାବ ସାଧାରଣ ଶିକ୍ଷଣ ଏବଂ ସଦୃଶ ଗଠନ ଆଡକୁ ପଥ କଢ଼ାଇନିଏ । ସବୁ ସମୟରେ ମୌଳିକ ସାମାଜିକ ଅନୁଷ୍ଠାନ ଥିବା ପରିବାର ସମାଜର କେନ୍ଦ୍ରରେ ରହିଆସିଛି । ପରିବାର ଯେକୌଣସି ଗୋଷ୍ଠୀ ଓ ସମାଜର ଏକ ମୌଳିକ ଏକକ ଯାହା ବ୍ୟକ୍ତି ଓ ସମାଜ ମଧ୍ୟରେ ଅନୁଷ୍ଠାନକୁ ଏକାଠି କରିବାରେ କାର୍ଯ୍ୟ କରିଥାଏ । ବିଶ୍ୱବ୍ୟାପୀ ଏହା ସର୍ବବିଦ୍ୟମାନ । ଏହା ବୈବାହିକ ବନ୍ଧନଠାରୁ ଆରମ୍ଭ କରି ବୈଧ ପ୍ରଜନନ, ପିଲାଙ୍କ ଯତ୍ନ, ଅର୍ଥନୈତିକ ଏକକଭାବେ ମାନବ ବ୍ୟବହାର ଓ କାର୍ଯ୍ୟର ନିୟନ୍ତ୍ରଣ ପରି ସମାଜ ଓ ବ୍ୟକ୍ତିର ଅନେକ କାର୍ଯ୍ୟ ସମ୍ପାଦନ କରେ । ଏହା ମଧ୍ୟ ବିବାହ, ବନ୍ଧୁତ୍ୱ ପରି ଅନ୍ୟ ସହଯୋଗୀ ଅନୁଷ୍ଠାନ ସହ ସମ୍ପୃକ୍ତ ଭୂମିକା ସମ୍ପନ୍ନ କରିଥାଏ । ପ୍ରାୟତଃ ସବୁ ମାନବ ସମାଜରେ ପରିବାର ରହିଛି, ମାତ୍ର ଏହା ସଂରଚନା ଓ କାର୍ଯ୍ୟ ଆଧାରରେ ସମାଜରୁ ସମାଜ ଓ ସମୟରୁ ସମୟ ଭିନ୍ନ ହୋଇଥାଏ ।

୨- ଧର୍ମ: ଧର୍ମ ମଧ୍ୟ ଏକ ସାର୍ବଜନୀନ ଅନୁଷ୍ଠାନ ଯାହା ଆଦିମ କାଳରୁ ପରବର୍ତ୍ତୀ ଆଧୁନିକ ସମୟ ପର୍ଯ୍ୟନ୍ତ ରହିଛି । ଫରାସୀ ସମାଜବିଜ୍ଞାନୀ ଏମିଲି ଡର୍କମ୍ ନିର୍ଦ୍ଧାରଣ କରିଥିବା ସଂଜ୍ଞା ଅନୁସାରେ, ଧର୍ମ ପବିତ୍ରତା ସମ୍ପର୍କିତ ବିଶ୍ୱାସ ଓ ଅଭ୍ୟାସର ଏକ ଏକୀକୃତ ବ୍ୟବସ୍ଥା । କାର୍ଲ ମାର୍କସଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏକମତ ଯେ ସମାଜରେ ଧର୍ମର ଏକ କାର୍ଯ୍ୟାତ୍ମକ ଭୂମିକା ରହିଛି । ମାତ୍ର ବେଳେବେଳେ ଏହାର କଠୋରତା ମଧ୍ୟ ଅକାମୀ ହୋଇପଡୁଛି । ଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ସାମାଜିକ ନିୟନ୍ତ୍ରଣ ।

୩- ଅର୍ଥନୀତି: ଅର୍ଥନୀତି ଅନୁଷ୍ଠାନ ଉତ୍ପାଦନ, ବଣ୍ଟନ, ବ୍ୟବହାରର ନିୟମ, ପ୍ରଣାଳୀ ଓ ମାନଦଣ୍ଡ ସମୂହ ସହିତ କାର୍ଯ୍ୟକାରୀ ବ୍ୟବସ୍ଥା ଓ ଢାଞ୍ଚାକୁ ସୂଚିତ କରିଥାଏ । ଅର୍ଥନୈତିକ କ୍ରିୟାକଳାପ ଏବଂ ଆବଶ୍ୟକତା ବିକାଶର ସ୍ତର ନିର୍ବିଶେଷରେ ଯେକୌଣସି ସମାଜ ପାଇଁ ଭିନ୍ନ ହୋଇଥାଏ । କାର୍ଲ ମାର୍କସଙ୍କ ବିଚାରରେ ଅର୍ଥନୀତି କୌଣସି ସମାଜର ମୌଳିକ ସଂରଚନା ଯାହା ଉପରେ ଅନ୍ୟାନ୍ୟ ଅନୁଷ୍ଠାନ ନିର୍ଭରଶୀଳ ।

୪- ଶିକ୍ଷା: ଶିକ୍ଷା ପ୍ରକ୍ରିୟା ପ୍ରତ୍ୟେକ ସମାଜରେ ହୋଇଥାଏ । ପରନ୍ତୁ ଏହାର ପ୍ରକାର ଗୋଟିଏ ସମାଜରୁ ଅନ୍ୟ ଏକ ସମାଜରେ ଭିନ୍ନ ହୋଇଥାଏ । ପ୍ରତ୍ୟେକ ସମାଜରେ ଶିକ୍ଷାର ଦୁଇଟି ସାଧାରଣ କାର୍ଯ୍ୟ ରହିଛି । ପ୍ରଥମଟି ଶିକ୍ଷାର ସାର୍ବଜନୀନ ଯାହା କାର୍ଯ୍ୟ ସମାଜର ସଦସ୍ୟଙ୍କୁ ସାମାଜିକ ଢାଞ୍ଚାରେ ଗଠନ କରିବା ଓ ପରପିଢ଼ିକୁ ସଂସ୍କୃତିର ହସ୍ତାନ୍ତର କରିବା । ଦ୍ୱିତୀୟଟି ହେଲା, ମାନବ ସମ୍ବଳ ସଂକ୍ରାନ୍ତ ସମାଜର ଆବଶ୍ୟକତା ପୂରଣ କରିବା । ପ୍ରମୁଖ ସାମାଜିକିକରଣ ସଂସ୍ଥାଗୁଡ଼ିକ ହେଲା ଗୋଷ୍ଠୀ, ପରିବାର, ସହାୟକଗୋଷ୍ଠୀ ଏବଂ ଆନୁଷ୍ଠାନିକ ଶୈକ୍ଷିକ ଅନୁଷ୍ଠାନ । ଏହା ବ୍ୟତୀତ, ଶିକ୍ଷାର ଆହୁରି ଅନେକ କାର୍ଯ୍ୟ ଯଥା-ସାମାଜିକ ଗତିଶୀଳତା ଓ ଆନ୍ତଃ ପିଢ଼ି ପରିବର୍ତ୍ତନ ରହିଛି । ସାମ୍ପ୍ରତିକ ଗାଣତନ୍ତ୍ରିକ ବ୍ୟବସ୍ଥା ସମାନ ସୁବିଧା, ପ୍ରତିଯୋଗିତା ଏବଂ ଉପଲବ୍ଧି ଉପରେ ପର୍ଯ୍ୟବେଶିତ, ଏଣୁ ଯେକୌଣସି ଶିକ୍ଷିତ ଓ ଦକ୍ଷ ବ୍ୟକ୍ତି (ପୁରୁଷ/ନାରୀ) ନିଜର ସ୍ଥିତି ବଢ଼ାଇପାରିବ ।

୫- ରାଜନୀତି: ପ୍ରତ୍ୟେକ ସମାଜର କେତେକ ନିଜସ୍ୱ କିମ୍ବା ଅନ୍ୟ ଆଇନ ବ୍ୟବସ୍ଥା ରହିଛି । ରାଜନୈତିକ ଅନୁଷ୍ଠାନର ସଂଜ୍ଞା ହେଲା, ଏହା ଏହାର ସଂଗଠନ ଏବଂ ଆଇନଗତ ବା ବୈଧ ଶକ୍ତି ପ୍ରୟୋଗର ଏକ ନିୟନ୍ତ୍ରଣ ବ୍ୟବସ୍ଥା । ଟି.ବି. ବଟୋମୋର୍‌ଙ୍କ ଅନୁସାରେ ରାଜନୀତି ସମାଜରେ ଶକ୍ତି ଓ କ୍ଷମତା ବିଭାଜନ ସହ ମୁଖ୍ୟତଃ ସମ୍ପୃକ୍ତ ।

ଏହିସବୁ ମୌଳିକ ଅନୁଷ୍ଠାନ; ଯାହାର ପ୍ରଚଳନ ସାମାନ୍ୟ ଭିନ୍ନତା ସହ ପ୍ରାୟତଃ ସାର୍ବଜନୀନ ଅଟେ । ଏହିସବୁ ଅନୁଷ୍ଠାନର ସଂରଚନା ଓ କାର୍ଯ୍ୟ ସମୟ ଅନୁସାରେ ଭିନ୍ନଭିନ୍ନ ହୋଇଥାଏ ଏବଂ ଯାହା ସାମାଜିକ ପ୍ରକ୍ରିୟା ଜରିଆରେ ବୁଝିହୁଏ । ସାମାଜିକ ପ୍ରକ୍ରିୟା ସାମାଜିକ ଭାବବିନିମୟର କ୍ରିୟାଶୀଳତାକୁ ବର୍ଣ୍ଣନା କରେ ଏବଂ ସାମାଜିକ ଭାବବିନିମୟ ବିଭିନ୍ନ ଅନୁଷ୍ଠାନର ସଂରଚନା ମଧ୍ୟରେ ଘଟିଥାଏ । ଦୁଇଟି ପ୍ରମୁଖ ସାମାଜିକ ପ୍ରକ୍ରିୟା ହେଲା ସାମାଜିକତା ଓ ସାମାଜିକ ନିୟନ୍ତ୍ରଣ; ଯାହାକୁ ଆମେ ପରବର୍ତ୍ତୀ ଅଧ୍ୟାୟରେ ପଢ଼ିବା । ଦ୍ୱିତୀୟରେ ବିଦ୍ୟାଳୟ ଓ ଗୋଷ୍ଠୀ ମଧ୍ୟରେ ଭାବବିନିମୟ ଅତ୍ୟନ୍ତ ଆନୁଷ୍ଠାନିକ ଓ ଅମଲାତାନ୍ତ୍ରିକ ହୋଇଛି । ଏହି ପ୍ରକ୍ରିୟାକୁ ଅନୁସରଣ କରି ବିଦ୍ୟାଳୟଗୁଡ଼ିକ ସମାଜ ଓ ଗୋଷ୍ଠୀଠାରୁ ଦୂରେଇ ବିଶାଳ ସଂରଚନା ବିଶିଷ୍ଟ ହୋଇଛି । ଜନ୍ ଡିୟୁଇ ଲେଖିଛନ୍ତି, "ଆମେ ବିଦ୍ୟାଳୟଗୁଡ଼ିକୁ ଏକ ବ୍ୟକ୍ତିକୈନ୍ଦ୍ରିକ ଦୃଷ୍ଟିକୋଣରୁ ଶିକ୍ଷକ ଓ ଛାତ୍ର ବା ଶିକ୍ଷକ ଓ ପିତାମାତାଙ୍କ ମଧ୍ୟରେ ଦେଖିଥାଉ । ଏହି ପରିବର୍ତ୍ତିତ ସ୍ଥିତିର ଫଳ ଏହାର ଭୂମିକା ଓ ଦାୟିତ୍ୱରୁ ପଥଚ୍ୟୁତ କରାଏ । ଯଦି ଆମେ ସମାଜକୁ ଏକ ସାମାଜିକ ବ୍ୟବସ୍ଥାଭାବେ ଗ୍ରହଣ କରିବା ତେବେ ଆମେ ଏହାକୁ ପାଞ୍ଚଟି ଉପବ୍ୟବସ୍ଥା ଯଥା-ପରିବାର, ଶିକ୍ଷା, ଧର୍ମ, ଅର୍ଥନୀତି ଓ ରାଜନୀତିରେ ବିଭକ୍ତ କରିପାରିବା । ପ୍ରତ୍ୟେକ ଉପବ୍ୟବସ୍ଥା ନିଜର ନିଜସ୍ୱ ସାମଗ୍ରୀକ ଭାବେ ସମାଜର ସ୍ଥିତି ଧରିରଖିବା ଓ ସୁରକ୍ଷିତ ବଜାୟ ରଖିବାକୁ ତୁଲାଇଥାନ୍ତି । ଏହି କ୍ରମରେ, ଆମେ କହିପାରିବା ଯେ ସମସ୍ତ ଶୈକ୍ଷିକ ଅନୁଷ୍ଠାନ ଅତ୍ୟନ୍ତ ଭାବେ ସମାଜର ଅଂଶବିଶେଷ ।

ଏହି ଅଧ୍ୟାୟରେ ତୁମେ ସମାଜର ଧାରଣା, ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଏହାର ସମ୍ପର୍କ ଏବଂ ଏହାର କ୍ରିୟାଶୀଳତା ବିଷୟରେ ପଢ଼ିବ । ଏବେ ନିଜ ଅଗ୍ରଗତି ଆକଳନ ପାଇଁ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

## ନିଜ ଅଗ୍ରଗତି ଆକଳନ - ୧

ଟିପ୍ପଣୀ କ-୫୦ଟି ଶବ୍ଦ ମଧ୍ୟରେ ତୁମ ଉତ୍ତର ଲେଖ ।

ଖ- ତୁମ ଉତ୍ତରକୁ ଏହି ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହ ମିଳାଇ ଦେଖ ।

୧-ସମାଜ କହିଲେ ତୁମେ କ'ଣ ବୁଝ ?

--------------------------------------------------------------------

--------------------------------------------------------------------

--------------------------------------------------------------------

--------------------------------------

୨-ସମାଜରେ ପରିବାରର ଭୂମିକା ଆଲୋଚନା କର ?

-----------------------------------------------------------------------

-----------------------------------------------------------------------

-----------------------------------------------------------------------

----------------------------------------------

### ୧.୩ ଭାରତୀୟ ସମାଜର ଉଦ୍ଭବ

ଭାରତୀୟ ସାମାଜିକ ବ୍ୟବସ୍ଥା ଅତ୍ୟନ୍ତ ପୁରାତନ ଓ ଜଟିଳ । ଭାରତୀୟ ଉପମହାଦେଶର ସାମାଜିକ ଉଦ୍ଭବ ପୁରାତନ ଓ ମଧ୍ୟ ପ୍ରସ୍ତର ଯୁଗ ସମୟରୁ ହୋଇଛି । ବିଶେଷ ଉଥାନପତନ ଥିବା ଭାରତୀୟ ଇତିହାସ ଅଧିକାଂଶ ସମୟରେ ସର୍ବପୁରାତନ ଓ ସର୍ବବୃହତ ସଭ୍ୟତା (ସିନ୍ଧୁ ସଭ୍ୟତା) ସହ ଯୋଡ଼ାଯାଇଥାଏ । ଭୂତାତ୍ତ୍ୱିକ ପ୍ରମାଣରୁ ଏହା ଉନ୍ମୋଚିତ ହୁଏ ଯେ ବିକଶିତ ସହରାଞ୍ଚଳ ଯୋଜନା, ଲିଖନ ବ୍ୟବସ୍ଥା, ସୁନା ଓ ତମ୍ବା ଧାତୁ ସମ୍ପର୍କରେ ଜ୍ଞାନ, ଓଜନ ଓ ମାପର ମାନକୀକରଣ ଏବଂ ଅନ୍ୟାନ୍ୟ ଅର୍ଥନୈତିକ ଓ ରାଜନୈତିକ ଅନୁଷ୍ଠାନ ପ୍ରମାଣ ସହ ଏହା ଏକ  ଅନ୍ୟତମ ସଂଗଠିତ ନାଗରିକ ଜୀବନ ଥିଲା । ଚାରି ବେଦ, ମନ୍ତ୍ର ଓ ରୀତିନୀତି ପ୍ରଚଳନ ଏବଂ ଶୈକ୍ଷିକ ପ୍ରେରଣାର ବୈଦିକ ମଡ଼େଲଭାବେ ବୈଦିକ ସମୟ ପରିଚିତ ଥିଲା ।

ଐତିହାସିକ ଦୃଷ୍ଟିରୁ ଭାରତ ବିଶ୍ୱର ଅନେକ ଅଂଶ ବିଶେଷକରି ୟୁରୋପ, ଏସିଆରୁ  ସକ, ପ୍ରତିହାରୀ, କୁଶାଣ, ମଙ୍ଗୋଲ, ମୋଗଲ, ପର୍ତ୍ତୁଗୀଜ୍, ବ୍ରିଟିଶ, ଫରାସୀ, ଡଚ୍ ଓ ଅନ୍ୟାନ୍ୟ ଅନେକ ଭ୍ରମଣକାରୀ ଗୋଷ୍ଠୀଙ୍କ ଭୂମି ଭାବେ ରହିଆସିଛି । ଏହିସବୁ ଗୋଷ୍ଠୀ ଏହି ଉପମହାଦେଶରେ ସେମାନଙ୍କ ସଂସ୍କୃତି ମଧ୍ୟ ବାଣ୍ଟିଛନ୍ତି । ଅତୀତର ଏହିସବୁ ସାଂସ୍କୃତିକ ସମ୍ପର୍କ ପରସ୍ପରକୁ ପ୍ରଭାବିତ କରିଛି ଏବଂ ବିଭିନ୍ନ ସଂସ୍କୃତିର 'ତରଳୀକୃତ ପାତ୍ରର ଏକ ସ୍ଥାନ' ରୂପେ ଏହି ଉପମହାଦେଶ ସୃଷ୍ଟି କରିଛି । ଫଳ ସ୍ୱରୂପ ବିଭିନ୍ନ ସଂସ୍କୃତିର ଲୋକଙ୍କୁ ନେଇ ଭାରତ ସୃଷ୍ଟି ହୋଇଛି ଓ ବିଶ୍ୱର ବିଭିନ୍ନ ଧର୍ମର ଧର୍ମାବଲମ୍ବୀ ଏହି ଦେଶରେ ଏକାଠି ବାସ କରୁଛନ୍ତି । ଏହାର ଜଟିଳ ସାମାଜିକ ସଂରଚନା ଏବଂ ସଂସ୍କୃତି  ଅନ୍ୟ ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ଯାହା  ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟ ଓ ଭାଷାରୁ ସ୍ପଷ୍ଟ ହୁଏ । ଏହି ସବୁ ଜଟିଳତା ଓ ବିଭିନ୍ନତା ସତ୍ତ୍ୱେ ଏହାର ଗୋଟିଏ ପରିଚୟ ହେଲା ବିଭିନ୍ନତା ମଧ୍ୟରେ ଏକତା ।

### ବିଭିନ୍ନତା ମଧ୍ୟରେ ଏକତା

ବିଭିନ୍ନତା ମଧ୍ୟରେ ଏକତା ଭାରତର ଏକ ଜଣାଶୁଣା ପରିଚୟ; ଯାହାକୁ ତୁମେ ପିଲାବେଳୁ ଶୁଣୁଥିବ । ପ୍ରାଚୀନ କାଳରୁ ଏହି ବୈଶିଷ୍ଟ୍ୟ ଅନେକ ବିଦେଶୀ ଭ୍ରମଣକାରୀ-ମେଘାସ୍ଥିନିସ୍ (ଖ୍ରୀ.ପୂ.୩୧୫), ଫାହିୟାନ୍ (ଖ୍ରୀ.ଅ ୪୦୫-୧୧), ମାର୍କୋ ପୋଲୋ (୧୨୮୮ ଖ୍ରୀ.ଅ), ଇବନ୍ ବତୁତା (୧୩୨୫-୫୧ ଖ୍ରୀ.ଅ) ଏବଂ ଅନ୍ୟମାନଙ୍କ ଦ୍ୱାରା ଚିହ୍ନଟ ହୋଇଛି । ଏଠାରେ ଆମେ ବିଭିନ୍ନତା ମଧ୍ୟରେ ଏକତାର ଅର୍ଥ ଓ ଭାରତୀୟ ସମାଜର ବାସ୍ତବ ସ୍ଥିତି ବିଷୟରେ ଆଲୋଚନା କରିବା । ଭାରତୀୟ ସମାଜରେ ବିଭିନ୍ନତାର କାରକମାନ ହେଲେ-ଏକାଧିକ ଶ୍ରେଣୀ, ଅନେକ ଜାତି ଓ ଉପଜାତି, ସମସ୍ତ ପ୍ରମୁଖ ଧର୍ମ, ସମ୍ପ୍ରଦାୟ ଓ ପ୍ରଥା, ପୃଥକ୍ ଗୋଷ୍ଠୀ, ବିଭିନ୍ନ ସାଂସ୍କୃତିକ ଅଞ୍ଚଳ ଓ ଭାଷା ।

ବିଭିନ୍ନତାର ବୈଶିଷ୍ଟ୍ୟମାନ ନିମ୍ନରେ ଦିଆଗଲା:

୧- ଶ୍ରେଣୀ: ବିଏସ୍ ଗୁହା ଭାରତୀୟ ଜନସଂଖ୍ୟାରେ ପ୍ରମୁଖ ୬ଟି ଶ୍ରେଣୀଭିତ୍ତିକ କାରକ ଯଥା- ନିଗ୍ରିଟୋ(କୃଷ୍ଣକାୟ), ପ୍ରୋଟୋ-ଅଷ୍ଟ୍ରେଲଏଡ୍ (ଆଦିମ ଅଷ୍ଟ୍ରେଲୀୟ), ମଙ୍ଗୋଲଏଡ୍ (ମଙ୍ଗୋଲୀୟ), ମେଡ଼ିଟେରିଆନ୍ (ଭୂ-ମଧ୍ୟସାଗରୀୟ), ଓ୍ୱେଷ୍ଟର୍ଣ୍ଣ ବ୍ରାସିସେଫାଲସ (ପଶ୍ଚିମ ବ୍ରାସିଫେଲୋ) ଓ ନର୍ଡ଼ିକ୍ (ୟୁରୋପୀୟ) । ଏମାନଙ୍କ ମଧ୍ୟରୁ ପ୍ରଥମ ତିନିଟି ଏହି ଉପମହାଦେଶରେ ସର୍ବପୁରାତନ ବାସିନ୍ଦା । ପରନ୍ତୁ ଏହି ଧାରଣା ବାରମ୍ବାର

ଟିପ୍ପଣୀ

ସାମାଜିକ ଗତିଶୀଳତା ଯୋଗୁ ଆଉ ସାମାଜିକ ବାସ୍ତବତା ରୂପେ ନାହିଁ । ସମ୍ପ୍ରତି ମୂଳ ବାସିନ୍ଦା ଶବ୍ଦ ବହୁଳ ଭାବରେ ବ୍ୟବହାର ହେଉଛି ।

୨- ଜାତି: ଜାତି ପ୍ରଥା ମଧ୍ୟ ଭାରତୀୟ ସାମାଜିକ ବାସ୍ତବତା ଏପରିକି ଆଜି ବି ବିଶେଷଭାବେ ପ୍ରଚଳିତ । ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଅନୁସାରେ ଭାରତରେ ୪୬୦୦ ଜାତି ଓ ଉପଜାତି ଆଧାରିତ ଗୋଷ୍ଠୀ ରହିଛି । ଏହା ବର୍ଣ୍ଣ ଭିତ୍ତିରେ ଅଲଗା ହୋଇଥାଏ । ଏହା ଅତ୍ୟନ୍ତ କାଳ୍ପନିକ ଶ୍ରେଣୀକରଣ ଏବଂ ପୁସ୍ତକରୁ ନିଆଯାଇଥିବା ସନ୍ଦର୍ଭ । ମାତ୍ର ଏହା କେବଳ ଯେ ସାମାଜିକ ସ୍ଥିତିକୁ ନିୟନ୍ତ୍ରିତ କରେ ତା' ନୁହେଁ, ଏହା ମଧ୍ୟ ସମାଜରେ ରାଜନୈତିକ ଓ ଅର୍ଥନୈତିକ କାର୍ଯ୍ୟକୁ ନିୟନ୍ତ୍ରିତ କରିଥାଏ ।

୩- ଧର୍ମ: ବୌଦ୍ଧ ଧର୍ମ, ଖ୍ରୀଷ୍ଟ ଧର୍ମ, ହିନ୍ଦୁ ଧର୍ମ, ଇସ୍‌ଲାମ୍, ଜୈନ ଧର୍ମ, ଇହୁଦୀ ଓ ପାର୍ସୀ ଭଳି ବିଶ୍ୱର ଅଧିକାଂଶ ପ୍ରମୁଖ ଧର୍ମ ଏବଂ ଚକିତ କରୁଥିବା ବିଭିନ୍ନ ପ୍ରଥା, ପନ୍ଥ ଓ ସେମାନଙ୍କ ଅନୁସରଣକାରୀମାନେ ଭାରତୀୟ ସମାଜରେ ଏକାଠି ବସବାସ କରନ୍ତି ।

୪- ଗୋଷ୍ଠୀ: ଜାତି ଓ ଉପଜାତି ଉର୍ଦ୍ଧ୍ୱରେ ଭାରତୀୟ ଜନସଂଖ୍ୟାର ୭.୫% ରହିଥିବା ୭୦୦ରୁ ଉର୍ଦ୍ଧ୍ୱ ସ୍ୱତନ୍ତ୍ର ଜନଜାତି ଓ ମୂଳ ସମ୍ପ୍ରଦାୟ ଅଛନ୍ତି । ସେମାନେ ଆମ ଜାତି ପ୍ରଥା ବାହାରେ ଏବଂ ଅନ୍ୟ ସାଂସ୍କୃତିକ ଦଳଠାରୁ ପୃଥକ ରହନ୍ତି । ମାତ୍ର ସ୍ୱାଧୀନତା ପରେ ବିକାଶ ପାଇଁ ସରକାରଙ୍କ ନୀତି ସେମାନଙ୍କୁ ଏକାଠି କରିବାର ପ୍ରକ୍ରିୟା ଆରମ୍ଭ କରିଛି ।

୫- ଭାଷା ଓ ଅନ୍ୟ ସାଂସ୍କୃତିକ ବିବିଧତା: ସଂସ୍କୃତି ଏକ ବ୍ୟାପକ ଧାରଣା ହୋଇଥିବାରୁ ଆମେ ଏଠାରେ ଏହାକୁ ଅନ୍ୟ ବିବିଧତା କାରକରେ ସାମିଲ କରିଛୁ । ବିଭିନ୍ନ ଭାଷା ଓ ବିଭିନ୍ନ ସାଂସ୍କୃତିକ ଅଞ୍ଚଳ ରହିଛି । ଗ୍ରିଅର୍‌ସନ୍‌ଙ୍କ ଅନୁସାରେ ଭାରତର ୧୭୯ଟି ଭାଷା ଓ ୫୪୪ଟି ବୋଲି ରହିଛି ମାତ୍ର ଏହି ଆକଳନର ବୈଧତା ଯାଞ୍ଚ ଆବଶ୍ୟକ । ଅନ୍ୟପଟେ, ଭାରତୀୟ ସମ୍ବିଧାନ ଭିଲ୍, ଗୋଣ୍ଡି, କୁମାଉଁ, ଟୁଲୁ, କୁରୁଖ୍ ଏବଂ ଅନ୍ୟକିଛି ବ୍ୟତୀତ ୨୨ଟି ଆଞ୍ଚଳିକ ଭାଷାକୁ ସାମିଲ କରିଛି । ସେହିପରି, ବିବିଧ ସାଂସ୍କୃତିକ କାରକ ଭାରତକୁ ଭାଷା, ବୋଲି, ପୋଷାକ, ଖାଦ୍ୟାଭ୍ୟାସ ଏବଂ ଅନ୍ୟାନ୍ୟ ଅଭ୍ୟାସ କ୍ଷେତ୍ରରେ ଭିନ୍ନଭିନ୍ନ ସଂସ୍କୃତି ଅଂଚଳରେ ବିଭକ୍ତ କରିଛି ।

ଏକତାର ବୈଶିଷ୍ଟ୍ୟ ମଧ୍ୟ ଉପର ବର୍ଣ୍ଣିତ ବିଭିନ୍ନତା ବୈଶିଷ୍ଟ୍ୟ ସହ ପ୍ରଚଳିତ । ଏଣୁ ଆମେ କହିପାରିବା, ବିବିଧ ବୈଶିଷ୍ଟ୍ୟ ସର୍ବଦା ଦ୍ୱନ୍ଦ୍ୱ ଓ କଳହର କାରଣ ନୁହେଁ, ଏକାଠି ଅବସ୍ଥାନ ପାଇଁ ମଧ୍ୟ । ଏମ୍.ଏନ୍. ଶ୍ରୀନିବାସ ଏକତାର ବୈଶିଷ୍ଟ୍ୟକୁ ହିନ୍ଦୁ ଧର୍ମରେ ନିହିତ ଥିବା ଦେଖନ୍ତି; ଯାହା ଜନସଂଖ୍ୟାର ତିନି ଚତୁର୍ଥାଂଶ । ଭାରତୀୟ ରାଷ୍ଟ୍ର ଗଠନରେ ଏକତାର ବୈଶିଷ୍ଟ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ ।

୧- ଗୋଟିଏ ରାଜନୈତିକ ସତ୍ତା: ରାଜନୈତିକଭାବେ ପ୍ରାୟତଃ ପୂରା ଉପମହାଦେଶ ଗୋଟିଏ ରାଜ୍ୟ ଅଧୀନରେ ଥିଲା ଯେପରି-ପ୍ରାଚୀନ ଭାରତର ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ଓ ଗୁପ୍ତ ଯୁଗ । ମୋଗଲ ଶାସନ ଓ ବ୍ରିଟିଶ ଶାସନ ମଧ୍ୟ ଏକକ ରାଜନୈତିକ ସଞ୍ଚାର ଉଦାହରଣ । ଏଣୁ ଭାରତୀୟ ଉପମହାଦେଶ ପ୍ରାଚୀନ ସମୟରୁ ଆଧୁନିକ ସମୟ ପର୍ଯ୍ୟନ୍ତ ମାତ୍ର କିଛି ସମୟକୁ ଛାଡ଼ିଦେଲେ ମୋଟାମୋଟି ଗୋଟିଏ ରାଜନୈତିକ ଏକକ ଥିଲା ।

୨- ଭାରତୀୟ ଉପମହାଦେଶର କ୍ଷେତ୍ରୀୟ ଅଖଣ୍ଡତା: ଭୌଗୋଳିକ ଭାବେ ପୂରା ଉପମହାଦେଶ ହିମାଳୟ ଏବଂ ଭାରତ ସାଗର ଦ୍ୱାରା ପୃଥକ ହୋଇ ଏକକ ପରିଚୟଯୁକ୍ତ ହୋଇଛି । ଯଦିଓ ଏହା ଉତ୍ତର ହିମାଳୟ, ଆରାବଳୀ ଶ୍ରେଣୀ, ଭାରତୀୟ ଉପଦ୍ୱୀପ ଏବଂ ବୃହତ୍ ନଦୀ ଉପତ୍ୟକା ଅଞ୍ଚଳଭାବେ ବିଭକ୍ତ ।

୩- ସାଧାରଣ ସଂସ୍କୃତି: ସାଧାରଣ ସାଂସ୍କୃତିକ ଉପକ୍ରମ ସମ୍ପୂର୍ଣ୍ଣ ଭାରତୀୟ ଇତିହାସରେ ଦୃଷ୍ଟିଗୋଚର ହୁଏ । ସମ୍ରାଟ ଅଶୋକ ଅହିଂସା ସିଦ୍ଧାନ୍ତ ଜରିଆରେ ସାଂସ୍କୃତିକ ଓ ଧର୍ମୀୟ ଭାଇଚାରା ହାସଲ ସହ ଭାରତର

ଏକତା ପାଇଁ କାର୍ଯ୍ୟ କରିଥିଲେ । ମୋଗଲ ସମ୍ରାଟ ଆକବର ହିନ୍ଦୁତ୍ୱ ଓ ଇସ୍‌ଲାମର ସଂଶ୍ଳେଷଣ କୁହାଯାଉଥିବା ଦିନ୍-ଇ-ଇଲାହୀ ଧର୍ମ ପ୍ରଚଳନ କରିଥିଲେ । ସର୍ବୋପରି ଆମେ ମଧ୍ୟ ଆମ ଗାଁକୁ ନିରୀକ୍ଷଣ କଲେ ଦେଖିବା ଯେଉଁଠାରେ ବିଭିନ୍ନ ଧର୍ମର ଲୋକ ଏକାଠି ବାସ କରୁଛନ୍ତି, ସେମାନଙ୍କ ଜୀବନଚର୍ଯ୍ୟା ବାଣ୍ଟୁଛନ୍ତି, ପରସ୍ପରର ଉତ୍ସବରେ ସାମିଲ ହେଉଛନ୍ତି ଏବଂ ଭାରତୀୟତାର ରଜ୍ଜୁରେ ବାନ୍ଧି ହୋଇଛନ୍ତି ।

ଟିପ୍ପଣୀ

୪- ବର୍ଣ୍ଣବାଦ: ଏକକ ବର୍ଣ୍ଣ ଓ ବର୍ଣ୍ଣ ଆଶ୍ରମ ବ୍ୟବସ୍ଥା ପୂରା ଭାରତକୁ ଗୋଟିଏ ସମାଜରେ ପରିଣତ କରିଛି । ସାମାଜିକ ବର୍ଗୀକରଣର ବର୍ଣ୍ଣ ମଡେଲ କୌଣସି ନିର୍ଦ୍ଦିଷ୍ଟ ଅଂଚଳରେ ସୀମିତ ନୁହେଁ, ବରଂ ଭାରତର ସମସ୍ତ ଧାର୍ମିକ ଗୋଷ୍ଠୀ ଓ ସେମାନଙ୍କ ସ୍ୱତନ୍ତ୍ର ଭୂମିକା ଓ ସ୍ଥିତିକୁ ଚିତ୍ରଣ କରେ ।

୫- ଐତିହାସିକ ସତ୍ୟତା: ଭାରତୀୟ ଉପମହାଦେଶର ସୁଦୀର୍ଘ ସାଧାରଣ ଇତିହାସ ଏହାକୁ ସ୍ୱତନ୍ତ୍ର ସାଂସ୍କୃତିକ ପରମ୍ପରା ବିଶିଷ୍ଟ କରିଛି । ୫୦୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ଏହି ସମାଜ ଏହାର ସାଂସ୍କୃତିକ ସମନ୍ୱୟତା, ପରିପାକ ଓ ଗ୍ରହଣୀୟତା ଏପରିକି ନୂଆ ସାମାଜିକ-ସାଂସ୍କୃତିକ ଗୋଷ୍ଠୀ ଗଠନରେ ଏହାର ଅଦ୍ୱିତୀୟତା ପ୍ରଦର୍ଶିତ କରିଆସିଛି । ଆମେ ଯଦି ଜାତି ଓ ଉପଜାତି ସଂଖ୍ୟାକୁ ଦେଖିବା ଜାଣିପାରିବା ଯେ ସାମାଜିକ ଚଳନ ପ୍ରକ୍ରିୟାରେ ଅନେକ ନୂଆ ଗୋଷ୍ଠୀ ଆତ୍ମପ୍ରକାଶ କରିଛନ୍ତି ।

୬- ହିନ୍ଦୁ ଧର୍ମ ବାହାରେ ମଧ୍ୟ ଜାତି ପ୍ରଥାର ଅସ୍ତିତ୍ୱ : ଜାତି ଓ ଉପଜାତି ହିନ୍ଦୁ ସାମାଜିକ ସ୍ତରର ବର୍ଗ, ମାତ୍ର ଇତିହାସ କହେ, ସାମାଜିକ ବିଭାଜନ ଓ ଜାତି ପ୍ରଥା ହିନ୍ଦୁ ଧର୍ମ ବାହାରେ ମଧ୍ୟ ରହିଛି । ଭାରତୀୟ ମୁସଲମାନଙ୍କ ମଧ୍ୟରେ ଥିବା ଜାତି ଆଧାରିତ ବର୍ଗୀକରଣ ବ୍ୟବସ୍ଥା ଭାରତୀୟ ନୃତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (୧୯୯୧) ଅନୁଧ୍ୟାନ କରିଥିଲା । ଏସବୁଗୁଡିକ ଏହି ଉପମହାଦେଶରେ ସାଂସ୍କୃତିକ ନିଜସ୍ୱୀକରଣକୁ ଦର୍ଶାଇ ଥାଏ ।

ଏଣୁ ଗୋଟିଏ ପଟରେ ଆମର ଶ୍ରେଣୀ, ଜାତି, ଧର୍ମ, ସଂସ୍କୃତି ଏବଂ ସମ୍ପ୍ରଦାୟ ପରି ବିଭିନ୍ନତା ରହିଥିଲାବେଳେ ଅନ୍ୟ ପଟରେ ଏକକ ରାଜନୈତିକ ସଞ୍ଜ୍ଞା, ଭାରତୀୟ ଉପମହାଦେଶରେ କ୍ଷେତ୍ରୀୟ ସମନ୍ୱୟ, ପ୍ରମୁଖ ଧର୍ମର ଅବସ୍ଥିତି ସତ୍ତ୍ୱେ ଗୋଟିଏ ସୂତ୍ରରେ ବନ୍ଧନ, ଏକକ ବର୍ଣ୍ଣବାଦ ଓ ବର୍ଣ୍ଣ ଆଶ୍ରମ ବ୍ୟବସ୍ଥା ପୂରା ଭାରତରେ ରହିଛି । ଦ୍ୱିତୀୟରେ ଶିକ୍ଷାର ଲକ୍ଷ୍ୟ ହେଲା ବିଭିନ୍ନ ସାମାଜିକ ପରିବେଶରେ ରହିଥିବା ଭିନ୍ନତାକୁ ଯୋଡ଼ିବା ଓ ସ୍ମରଣୀୟ କରିବା । ଶିକ୍ଷା ଏହାର ଏକତା ଓ ବିଭିନ୍ନତା ପୂରକ ଜରିଆରେ ରାଷ୍ଟ୍ର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ, ଡର୍‌କିମ୍‌ଙ୍କ ଭାଷାରେ ଯାହା ଜୈବିକ ଏକତା ଅଟେ । ଏ.ଆର୍ ଦେଶାଇ (୧୯୭୬) ତାଙ୍କ ରଚିତ ପୁସ୍ତକ 'ସୋସିଆଲ୍ ବ୍ୟାକ୍‌ଗ୍ରାଉଣ୍ଡ୍ ଅଫ୍ ଇଣ୍ଡିଆନ୍ ନ୍ୟାସନାଲିଜମ୍'ରେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ସମୟର ଭାରତୀୟ ଜାତୀୟତାବାଦର ସୃଷ୍ଟି ଓ ଉଦ୍ଭବ ସଂକ୍ରାନ୍ତରେ ବ୍ୟାଖ୍ୟା କରିଛନ୍ତି । ସ୍ୱାଧୀନତା ଆନ୍ଦୋଳନ ସମୟରେ ଉପର ଲିଖିତ ବିଭିନ୍ନ ପରିଚୟ ଏକ ପ୍ରତିବନ୍ଧକଭାବେ ଗ୍ରହଣ କରାଯାଉଥିଲା ମାତ୍ର ସେସବୁ ଗୋଟିଏ ଛତା - ଭାରତୀୟ ଜାତୀୟ କଂଗ୍ରେସ, ତଳେ ଏକାଠି ହୋଇଥିଲେ । ବିଭିନ୍ନ ପରିଚୟ ଏକାଠି ସହାବସ୍ଥାନ କରୁଥିଲେ ହେଁ ଗୋଟିଏ ରାଷ୍ଟ୍ର ପାଇଁ ଲଢ଼େଇ ମଧ୍ୟ କରୁଥିଲେ ।

ଦ୍ୱିତୀୟ ଅଧ୍ୟାୟରେ ରାଷ୍ଟ୍ର ଗଠନ ପ୍ରକ୍ରିୟାରେ ଭାରତୀୟ ସମାଜ, ଏହାର ପ୍ରମୁଖ ଅର୍ଥ ଓ ଉଦ୍ଭବ ରହିଛି । ଏବେ ତୁମ ଅଗ୍ରଗତି ଜାଣିବା ପାଇଁ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଲେଖ ।

**ତୁମ ଅଗ୍ରଗତିର ଆକଳନ -୨**

ଟିପ୍ପଣୀ କ-୫୦ଟି ଶବ୍ଦ ମଧ୍ୟରେ ତୁମ ଉତ୍ତର ଲେଖ ।

ଖ-ତୁମ ଉତ୍ତରକୁ ଏହି ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହ ମିଳାଇ ଦେଖ ।

୧-ଭାରତୀୟ ସମାଜରେ ଏକତାର ଚାରିଟି ବୈଶିଷ୍ଟ୍ୟ ଆଲୋଚନା କର ।

-----------------------------------------------------------------------

ଟିପ୍ପଣୀ

୨-ବିଶ୍ୱର ବିଭିନ୍ନ ଭାଗରୁ ଭାରତକୁ ଆସିଥିବା ଭ୍ରମଣକାରୀ ଗୋଷ୍ଠୀର ଏକ ତାଲିକା ପ୍ରସ୍ତୁତ କର ।

---------------------------------------------------------------------------
---------------------------------------------------------------------------
---------------------------------------------------------------------------
-------------------------

## ୧.୪ ସମାଜ ଓ ଶିକ୍ଷା ସମ୍ବନ୍ଧ

ଶିକ୍ଷା ସାଧାରଣତଃ ସମାଜର ଭିତ୍ତିଭୂମିଭାବେ ଗ୍ରହଣୀୟ, ଯାହା ଆର୍ଥୀକ ସମ୍ପତ୍ତି, ସାମାଜିକ ସମୃଦ୍ଧି ଓ ରାଜନୈତିକ ସ୍ଥିରତା ଆଣେ । ଏହା ଯେକୌଣସି ଆଧୁନିକ ସମାଜ ବିକାଶର ଏକ ପ୍ରମୁଖ ଦିଗ ଅଟେ ଏବଂ ଯେକୌଣସି ଅଞ୍ଚଳର ସର୍ବାଙ୍ଗୀନ ବିକାଶର ମହତ୍ତ୍ୱପୂର୍ଣ୍ଣ ସୂଚକ ଅଟେ । ଏମିଲି ଡର୍କେମ୍‌ଙ୍କ ମତରେ ସମାଜ ଓ ସଂସ୍କୃତିର ସଂରକ୍ଷଣ ବିଶେଷକରି ପିଲାମାନଙ୍କୁ ଯୁବାବସ୍ଥା ନିମନ୍ତେ ପ୍ରସ୍ତୁତ କରିବା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ନଥିବା ପରିବାର ଓ ଅନ୍ୟ ପ୍ରାଥମିକ ବର୍ଗ ରହିଥିବା ଜଟିଳ ସମାଜରେ ଶିକ୍ଷା ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମର୍ମରେ ଜନ୍ ଡିୟୁଇ ବିସ୍ତୃତଭାବେ ଲେଖିଛନ୍ତି ଏବଂ ତାଙ୍କର ଦୁଇଟି ପୁସ୍ତକ 'ଦ ସ୍କୁଲ୍ ଆଣ୍ଡ୍ ସୋସାଇଟି' (୧୮୯୯) ଏବଂ 'ଡେମୋକ୍ରାସୀ ଆଣ୍ଡ୍ ଏଜୁକେସନ୍'(୧୯୧୬) ଏଠାରେ ପ୍ରଣିଧାନ ଯୋଗ୍ୟ । ତାଙ୍କ ଯୁକ୍ତି ହେଲା, ବ୍ୟକ୍ତି ପରିବର୍ତ୍ତେ ବିଦ୍ୟାଳୟ ଏକ କ୍ଷୁଦ୍ର ସମାଜର ପ୍ରତିଫଳନ । ବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷା ପ୍ରକ୍ରିୟାର ପରମ ଉଦ୍ଦେଶ୍ୟ ହେଲା ସାମାଜିକ ପ୍ରଗତିର ଅଭିବୃଦ୍ଧି ଓ ଗଣତନ୍ତ୍ରର ସମ୍ପ୍ରସାରଣ । ଅନେକ ବୁଦ୍ଧିଜୀବୀ ଓ ଧାରା ସମାଜ ଓ ଶିକ୍ଷାର ସମ୍ପର୍କ ବିଷୟରେ ଆଲୋକପାତ କରିଛନ୍ତି ଯଥା- ଲିଓ ଟଲ୍‌ଷ୍ଟୟ, ଆଣ୍ଟୋନିଓ ଗ୍ରାମ୍‌ସ୍କି, ପାଓଲୋ ଫ୍ରେଇରେ, ବ୍ରାସିଲ୍ ବର୍ଣ୍ଣଷ୍ଟେନ୍, ଇଭାନ୍ ଇଲିଚ୍, ପିଅର୍ ବୋର୍ଡ୍ୟୁ, ରବୀନ୍ଦ୍ରନାଥ ଠାକୁର, ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍, ଏମ୍.କେ. ଗାନ୍ଧି ପ୍ରମୁଖ ।

### ଶିକ୍ଷାର ସାମାଜିକ କାର୍ଯ୍ୟ

ଶିକ୍ଷା ସବୁ ଲୋକଙ୍କ ସହ ସମ୍ବନ୍ଧିତ ଏବଂ ସବୁ ସମାଜର ଏକ ମୌଳିକ ଆବଶ୍ୟକତା ଭାବେ ବିବେଚିତ । ଜନ୍ ଡିୟୁଇଙ୍କ ମତରେ ଏକ ସାମାଜିକ ଆବଶ୍ୟକତା ଭାବରେ ଏହା ସମାଜରେ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିଥାଏ:

(କ) ସଂସ୍କୃତି ହସ୍ତାନ୍ତର/ସଂଚରଣ : ମଣିଷମାନେ ବିଶ୍ୱ ନିର୍ମାଣର ଜୀବ । ସାମଗ୍ରିକ ନିର୍ମାଣ, ଏହାର ସଂରକ୍ଷଣ ଏବଂ ପରପିଢ଼ିକୁ ଏହାର ବିନିମୟ(ହସ୍ତାନ୍ତରଣ) ଯେକୌଣସି ସଂସ୍କୃତିର ମୂଳ ପ୍ରସଙ୍ଗ । ସଂସ୍କୃତି ହିଁ ଆମକୁ ଅନ୍ୟ ଜୀବଙ୍କଠାରୁ ଭିନ୍ନ କରିଥାଏ । ପ୍ରତ୍ୟେକ ସମାଜର ନିଜସ୍ୱ ସାଂସ୍କୃତିକ ଐତିହ୍ୟ ରହିଛି; ଯାହାକୁ ସେମାନେ ସଂରକ୍ଷଣ କରିଥାନ୍ତି ଓ ପରପିଢ଼ିକୁ ହସ୍ତାନ୍ତର କରିଥାନ୍ତି । ଶିକ୍ଷାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ହେଲା ସମାଜର ନୂଆ ସଦସ୍ୟଙ୍କୁ ପରମ୍ପରା, ସଂସ୍କୃତି, ଦକ୍ଷତା, ଜ୍ଞାନ ହସ୍ତାନ୍ତର କରିବା । ତେଣୁ ସଂସ୍କୃତି ହେଉଛି ଶିକ୍ଷା ଓ ସମାଜ ମଧ୍ୟରେ ଅତି ସାଧାରଣ ସଂଯୋଗ । ଏବେ ତୁମେ ସଂସ୍କୃତି କ'ଣ ଏବଂ ସମାଜ ଓ ଶିକ୍ଷା ସହ ଏହାର ସମ୍ପର୍କ ବିଷୟରେ ଜାଣିବାକୁ ଅତ୍ୟନ୍ତ ଆଗ୍ରହୀ ଥିବ । ସଂସ୍କୃତି ଏକ ବ୍ୟାପକ ଶବ୍ଦ ଯେଉଁଥିରେ, ମଣିଷ ସମାଜର ସବୁକିଛି ସାମିଲ । ବ୍ରିଟେନ ସମାଜ ବିଜ୍ଞାନୀ ଇ.ବି. ଟେଲରଙ୍କ ଅନୁସାରେ, ସଂସ୍କୃତି 'ଏକ ଜଟିଳ ପୂର୍ଣ୍ଣତା ଅଟେ ଯାହା ଜ୍ଞାନ, ବିଶ୍ୱାସ, କଳା, ଆଇନ, ନୈତିକତା, ପ୍ରଥା ଓ ସମାଜର ସଦସ୍ୟଭାବେ ମଣିଷ ଆହରଣ କରୁଥିବା ଅନ୍ୟ ଯେକୌଣସି ଦକ୍ଷତା ଓ ଅଭ୍ୟାସକୁ ସାମିଲ କରିଥାଏ ।' ସମାଜ ଆରମ୍ଭରୁ ଆମେ ଦେଖି ପାରିବା ଯେ ପ୍ରତ୍ୟେକ ସମାଜ ନିଜର ସଦସ୍ୟମାନଙ୍କୁ ବିଭିନ୍ନ ସଂସ୍ଥା ଯଥା- ପରିବାର, ଗୋଷ୍ଠୀ ଏବଂ ଅନ୍ୟ ଆନୁଷ୍ଠାନିକ ଅନୁଷ୍ଠାନ ଜରିଆରେ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରଦାନ ପାଇଁ ସେମାନଙ୍କର କେତେକ ନିଜସ୍ୱ କୌଶଳ ରହିଛି ।

(ଖ) ଅସମାନତା ଓ ବିଭେଦତା ହ୍ରାସ: ଶିକ୍ଷା ଆମକୁ ଜ୍ଞାନ ପ୍ରଦାନ କରେ ଏବଂ ଜ୍ଞାନ ଆମର ଶକ୍ତି ଅଟେ । ସମସ୍ୟାର ସମାଧାନ କରି ସମାଜରେ ଶିକ୍ଷା ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ରବୀନ୍ଦ୍ରନାଥ ଠାକୁର ଲେଖିଛନ୍ତି, "ଆମେ ଆମ ସମସ୍ୟା ସମାଧାନର ଉପାୟ ଖୋଜିବା ସହ ଆମେ ମଧ୍ୟ ବିଶ୍ୱ ସମସ୍ୟାର ସମାଧାନରେ ସାହାଯ୍ୟ କରୁଛୁ .... ଯଦି ଭାରତ ବିଶ୍ୱକୁ ଏହାର ସମାଧାନ ପନ୍ଥା ପ୍ରଦାନ କରିବ, ଏହା ମାନବ ଜାତି ପାଇଁ ଏକ ଅବଦାନ ହେବ ।" ଶିକ୍ଷା ଜରିଆରେ ଜଣେ ଜ୍ଞାନ ଆହରଣ କରିପାରିବ ଏବଂ ସଶକ୍ତିକରଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବ । ଭାରତୀୟ ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ନଥିଲା କି ଏହାର କୌଣସି ସମତା ନଥିଲା । ଏହା ବିଶେଷତା ଦୃଷ୍ଟିରୁ ସମ୍ଭ୍ରାନ୍ତବାଦୀ ଥିଲା ଏବଂ ଯୁକ୍ତିସଂଗତ ପରିବର୍ତ୍ତେ ଧାର୍ମିକ ଉଦ୍ଦେଶ୍ୟ ସମର୍ଥିତ ଥିଲା ଯାହା ସାମାଜିକ ଅର୍ଥନୈତିକ ଅସମାନତା ସୃଷ୍ଟି କରିଥିଲା । ସ୍ୱାଧୀନତା ପରେ ସାମ୍ବିଧାନିକ ବ୍ୟବସ୍ଥା ( ଧାରା ୨୧ କ ଓ ୪୫) ଏହି ସମ୍ଭ୍ରାନ୍ତବାଦୀ ଆଭିମୁଖ୍ୟକୁ ସମତାବାଦୀରେ ପରିବର୍ତ୍ତନ କରିଥିଲା ଏବଂ ସଶକ୍ତିକରଣର ପ୍ରକ୍ରିୟାକୁ ବିଭିନ୍ନ ପ୍ରୟୋଗାତ୍ମକ ଅଧ୍ୟୟନ ଜରିଆରେ ନିରୀକ୍ଷଣ କରାଗଲା । ମିଳିତ ଜାତିସଂଘ ସହସ୍ରାବ୍ଦୀ ଲକ୍ଷ୍ୟ (୨୦୦୦) ଆଠଟି ଲକ୍ଷ୍ୟ ଧାର୍ଯ୍ୟ କରିଥିଲା । ତନ୍ମଧ୍ୟରୁ ଏଠାରେ ଦୁଇଟି ମହତ୍ତ୍ୱପୂର୍ଣ୍ଣ- ପ୍ରଥମତଃ ସାର୍ବଜନିନ ପ୍ରାଥମିକ ଶିକ୍ଷା ହାସଲ ଏବଂ ଦ୍ୱିତୀୟଟି ହେଲା- ଲିଙ୍ଗଗତ ସମାନତା । ଏହାକୁ ଭାରତ ସମେତ ବିଶ୍ୱର ୧୮୯ ରାଷ୍ଟ୍ର ଗ୍ରହଣ କରିଛନ୍ତି । ଏହି ଲକ୍ଷ୍ୟ ଅନୁସାରେ ଏକ ଜାତୀୟ ଅଗ୍ରଣୀ କାର୍ଯ୍ୟକ୍ରମଭାବେ ସର୍ବଶିକ୍ଷା ଅଭିଯାନ (ଏସ୍‌ଏସ୍‌ଏ) ଆରମ୍ଭ ହୋଇଛି । ମହିଳା ସାକ୍ଷରତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯଥା- ମହିଳା ସାଂଖ୍ୟ, କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ (କେଜିବିଭି) ଇତ୍ୟାଦି ପ୍ରଚେଷ୍ଟାମାନ ନିଆଯାଇଛି । ଆଂଚଳିକ ବିଭେଦତା ଦୃଷ୍ଟିରୁ କୌଣସି ଅଞ୍ଚଳର ବିକାଶ ସେହି ଅଞ୍ଚଳର ଶିକ୍ଷା ସ୍ଥିତି ସହ ପ୍ରତ୍ୟକ୍ଷଭାବେ ସମ୍ବନ୍ଧିତ । ଏଣୁ ଆଂଚଳିକ ବିକାଶ ଯେକୌଣସି ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ଥିତି ଉପରେ ବିଶେଷ ନିର୍ଭରଶୀଳ ।

ଗ- ସାମାଜିକ ଗତିଶୀଳତା ଓ ସାମାଜିକ ପରିବର୍ତ୍ତନ: ସାମାଜିକ ସନ୍ତୋଷତା ଏକ ସାର୍ବଜନୀନ ସାମାଜିକ ତଥ୍ୟ । ସାମାଜିକ ଗତିଶୀଳତା କହିଲେ ଯେକୌଣସି ସମାଜର ସାମାଜିକ ଅନୁକ୍ରମରେ ବ୍ୟକ୍ତି ଏବଂ ଦଳର ସ୍ଥିତିର ଗତିଶୀଳତାକୁ ବୁଝାଏ । ସାମାଜିକ ଗତିଶୀଳତାର ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ ରହିଛି-ଶିକ୍ଷା ଓ ଆୟ ସ୍ଥିତି । ସମ୍ପ୍ରତି, ସମସ୍ତଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷା ଜଣଙ୍କର ଶୈକ୍ଷିକ ଓ ଅର୍ଥନୈତିକ ସ୍ଥିତି ବୃଦ୍ଧି ପାଇଁ ସୁଯୋଗ ଦେଉଛି । ଭାରତରେ, ସ୍ୱାଧୀନତା ଠାରୁ ଶିକ୍ଷାଗତ ସମାନତା ସୁଯୋଗ ପ୍ରମାଣିତ ହୋଇଛି; ଯାହା ପୂର୍ବରୁ ସଙ୍କୁଚିତ ଥିଲା ।

ଘ- ନୂତନ ଜ୍ଞାନର ବିକାଶ: ଶିକ୍ଷା ହେଉଛି ଜୀବନର ସଫଳତା ପାଇଁ ଜ୍ଞାନ ଆହରଣର ଏକ ମାଧ୍ୟମ । ଶିକ୍ଷା ଜରିଆରେ ଆମେ ଆମ ନୂତନ ଆବଶ୍ୟକତା ପୂରଣ ପାଇଁ ନୂତନ ଜ୍ଞାନ ବିକଶିତ କରୁ ବା ପ୍ରଚଳିତ ଜ୍ଞାନରେ ନୂଆ କଥା ଯୋଡୁ । ଆମେ ଜାଣିଛୁ ଯେ ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ । ପୂର୍ବର ସରଳ ଓ ନିଷ୍ଠୁର ସମାଜଠାରୁ ବର୍ତ୍ତମାନର ଆଧୁନିକପର ସମାଜ ପର୍ଯ୍ୟନ୍ତ ବିଭିନ୍ନ ଉଦ୍ଭାବନ ଓ ଆବିଷ୍କାର ଦ୍ୱାରା ବୈପ୍ଳବିକ ପରିବର୍ତ୍ତନ ହୋଇଥିବା ଆମେ ଲକ୍ଷ୍ୟ କରିପାରିବା । ଧାତୁ, ନିଆଁ ଓ ଚକର ପ୍ରାରମ୍ଭିକ ଜ୍ଞାନ ବିଶ୍ୱବ୍ୟାପୀ ପୁରାତନ ସଭ୍ୟତାର ବିକାଶରେ ଚରମ ଭୂମିକା ତୁଲାଇଛି । ଖାଦ୍ୟ ସଂଗ୍ରହରୁ ସ୍ଥାୟୀ କୃଷିଭିତ୍ତିକ ସମାଜ କ୍ଷେତ୍ରରେ ଏହା ଏକ ମୋଡ଼ଭାବେ କାର୍ଯ୍ୟ କରିଛି । ସେହିପରି ମାନବ ଇତିହାସରେ ନୂତନ ଜ୍ଞାନର ଅନେକ ଉଦାହରଣ ରହିଛି । ଇଣ୍ଟରନେଟ୍, ମଲ୍ଟିମିଡିଆ ଏବଂ ଯୋଗାଯୋଗ ଜରିଆରେ ସମସାମୟିକ ବୈଷୟିକ ପରିବର୍ତ୍ତନ ପୂରା ବିଶ୍ୱକୁ ଏକ ଗ୍ରାମରେ ପରିବର୍ତ୍ତନ କରିଛି ।

ଙ- ବ୍ୟକ୍ତିଗତ ବିକାଶ: ଜଣେ ବ୍ୟକ୍ତିର ଜୀବନରେ ସଫଳତା ପାଇଁ ଶିକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷା ଛାତ୍ରଛାତ୍ରୀଙ୍କୁ ଶିକ୍ଷଣ କୌଶଳ ଯୋଗାଏ; ଯାହା ସେମାନଙ୍କୁ ଜୀବନର ପରବର୍ତ୍ତୀ ସମୟରେ ଶାରୀରିକ, ମାନସିକ ଓ ସାମାଜିକ ସ୍ତରରେ କାର୍ଯ୍ୟର ପୃଥିବୀ ପାଇଁ ପ୍ରସ୍ତୁତ କରାଏ । ଉଚ୍ଚଶିକ୍ଷା ସୁସ୍ଥ ସମାଜ ଗଠନରେ ସାହାଯ୍ୟ କରେ

ଯାହା ସ୍ୱାସ୍ଥ୍ୟସେବା ବିଶେଷଜ୍ଞ, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଶିକ୍ଷିତ ଖାଉଟି ଏବଂ ସୁସ୍ଥ ଜନସଂଖ୍ୟା ଗଠନରେ ସାହାଯ୍ୟ କରେ । ଯଦି ଶିକ୍ଷିତ ଲୋକଙ୍କ ସଂଖ୍ୟା ନିଅଣ୍ଟ ହୁଏ ତେବେ ସମାଜ ଆଉ ଆଗକୁ ଯାଇପାରେ ନାହିଁ ।

ଟିପ୍ପଣୀ

ତେଣୁ, ସାମଗ୍ରିକ ଭାବେ ସମାଜ ପ୍ରତି ଶିକ୍ଷା ପ୍ରକ୍ରିୟାର ଭୂମିକା ଆମେ ଦେଖିପାରିବା । ଏଠାରେ ଶିକ୍ଷା ପ୍ରଣାଳୀ କହିଲେ ଔପଚାରିକ (ଫର୍‌ମାଲ୍), ଅନୌପଚାରିକ/ଆନୁଷଙ୍ଗିକ(ଇନ୍‌ଫର୍‌ମାଲ୍), ଅଣଆନୁଷ୍ଠାନିକ(ନନ୍‌ଫରମାଲ୍) ଶିକ୍ଷା ସାମିଲ । ଏହି ସବୁ ପ୍ରକାର ଶିକ୍ଷାର ମିଶ୍ରଣ ସମୟ ଓ ସ୍ଥାନ ଅନୁସାରେ ଭିନ୍ନଭିନ୍ନ ହୋଇଥାଏ । ଅନୌପଚାରିକ/ ଇନ୍‌ଫର୍‌ମାଲ୍ ଶିକ୍ଷା ପ୍ରକ୍ରିୟା ସର୍ବପୁରାତନ ଏବଂ ଏହାର ସ୍ଥିତି ସମାଜର ସ୍ଥିତି ସହ ସମାନ । ଔପଚାରିକ ଓ ଅଣଆନୁଷ୍ଠାନିକ ଶିକ୍ଷା ପରବର୍ତ୍ତୀ ସମୟରେ ବିକଶିତ । ଇନ୍‌ଫର୍‌ମାଲ୍ ଶିକ୍ଷା ପ୍ରକ୍ରିୟାର ବିଶେଷତ୍ୱ ହେଲା ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କ । ମାତ୍ର ଏହି ଶିକ୍ଷା ପ୍ରକ୍ରିୟାର ଲକ୍ଷ୍ୟରେ ନୈତିକ ମୂଲ୍ୟବୋଧ ଜଡ଼ିତ । ଏହାର ଡିଗ୍ରୀ ବା ଡିପ୍ଲୋମା ସହ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନାହିଁ ଏବଂ ଏହା ଉଭୟ ଔପଚାରିକ ଓ ଅଣଆନୁଷ୍ଠାନିକ ଶିକ୍ଷାର ପରିଶିଷ୍ଟ ଅଟେ । ଏହିସବୁ ଶିକ୍ଷା ବ୍ୟବସ୍ଥା ବିଶ୍ୱର ସବୁ ସ୍ଥାନରେ ସମାନଭାବେ ବିକଶିତ ହୋଇନାହିଁ । ବିଦ୍ୟାଳୟ ଶିକ୍ଷା ହାସଲ କରିନଥିବା ଜନସଂଖ୍ୟାର ପ୍ରତିଶତ ସ୍ୱଳ୍ପ ବିକଶିତ ରାଷ୍ଟ୍ରରେ ୧୦% କମ୍‌ରୁ ୬୫%ରୁ ଅଧିକ ହୋଇଥାଏ, ମାତ୍ର ଅଧିକ ବିକଶିତ ରାଷ୍ଟ୍ରରେ ଏହି ଭିନ୍ନତା ଅପେକ୍ଷାକୃତ କମ୍ ଯାହା ୨% କମ୍‌ରୁ ୧୭% ପର୍ଯ୍ୟନ୍ତ ( ବିଶ୍ୱ ଉନ୍ନୟନ ରିପୋର୍ଟ ୨୦୦୦) । ଏହି ଭାଗରେ ତୁମେ ଶିକ୍ଷା ଓ ସମାଜ ମଧ୍ୟରେ ସମ୍ପର୍କ ବିଶେଷକରି ସମାଜ ପ୍ରତି ଶିକ୍ଷାର ସାମାଜିକ କାର୍ଯ୍ୟ ଏବଂ ବିକାଶ ପାଇଁ ଏହାର ଅବଦାନ ସଂକ୍ରାନ୍ତରେ ଅଧ୍ୟୟନ କଲ । ଏବେ ତୁମ ଅଗ୍ରଗତି ପରଖିବା ପାଇଁ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ:

## ନିଜ ଅଗ୍ରଗତି ଆକଳନ କର-୩

ଟିପ୍ପଣୀ କ- ପ୍ରାୟ ୫୦ଟି ଶବ୍ଦ ମଧ୍ୟରେ ତୁମ ଉତ୍ତର ଲେଖ ।

ଖ-ତୁମ ଉତ୍ତରକୁ ଏହି ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହ ମିଳାଇ ଦେଖ ।

୧-ଶିକ୍ଷା କିପରି ଭାବରେ ସମାଜରେ ଅସମାନତା ହ୍ରାସ କରିଥାଏ ?

---------------------------------------------------------------------------

୨- "ଶିକ୍ଷା ବିକାଶର ଏକ ମହତ୍ୱପୂର୍ଣ୍ଣ ସୂଚକ" ମନ୍ତବ୍ୟ ଲେଖ ?

---------------------------------------------------------------------------

## ୧.୫ ସମାଜର ଏକ ଅଙ୍ଗ ରୂପେ ବିଦ୍ୟାଳୟ

ପୂର୍ବ ବିଭାଗରେ ଆମେ ସମାଜରେ ଶିକ୍ଷାର ଭୂମିକା ବିଷୟରେ ପଢ଼ିଛେ ଏବଂ ଆମ ପ୍ରଗତି ପାଇଁ ବିଦ୍ୟାଳୟକୁ ଏକ ଗାଣତନ୍ତ୍ରିକ, ମୁକ୍ତ ପ୍ରତିଷ୍ଠାନଭାବେ ଦେଖାଯାଏ । ବର୍ତ୍ତମାନ, ତାହାର ବିପରୀତଭାବେ ଆମେ ଶିକ୍ଷା ବ୍ୟବସ୍ଥା ପ୍ରତି ବିଶେଷକରି ପ୍ରମୁଖ ସଂସ୍କୃତି, ଅସମାନତା ଓ ବିଭାଜିତ ସମାଜର ପ୍ରଭାବ ସଂକ୍ରାନ୍ତରେ ଆଲୋଚନା କରିବା । ବିଦ୍ୟାଳୟ ସମାଜର ଏକ ଅଂଶ, ଶିକ୍ଷକ, ବିଦ୍ୟାର୍ଥୀ ଏବଂ ପିତାମାତାମାନେ ସେହି ଅସମାନ ଏବଂ ବିଭାଜିତ

ସମାଜରୁ ଆନୀତ । ବିଦ୍ୟାଳୟକୁ ଏକାକୀ ଗ୍ରହଣ କରାଯାଇ ପାରିବ ନାହିଁ । ସମାଜ ମଧ୍ୟ ଶିକ୍ଷା ବ୍ୟବସ୍ଥାର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । ସାମାଜିକ-ସାଂସ୍କୃତିକ ଉପାଦାନ ସମୂହ, ରାଜନୈତିକ ସ୍ଥିତି ଓ ଅର୍ଥନୈତିକ ପରିବେଶର ଭୂମିକା ଶୈକ୍ଷିକ ଅନୁଷ୍ଠାନ, ଏହାର ଉଦ୍ଦେଶ୍ୟ ଓ ପାଠ୍ୟକ୍ରମ ବିକାଶକୁ ନିର୍ଦ୍ଧାରଣ କରିଥାଏ ।

ଟିପ୍ପଣୀ

**ଶିକ୍ଷା ପ୍ରକ୍ରିୟାରେ ସମାଜର ପ୍ରଭାବ**

(କ) **ସାମାଜିକ-ସାଂସ୍କୃତିକ ପ୍ରଭାବ:** ଯେକୌଣସି ସମାଜର ଶିକ୍ଷା ଏହାର ସାମାଜିକ-ସାଂସ୍କୃତିକ ଉପାଦାନଗୁଡ଼ିକ ସହ ପ୍ରତ୍ୟକ୍ଷ ପାରସ୍ପରିକ ସମ୍ପର୍କ ରହିଛି । ଶିକ୍ଷାର ପ୍ରକ୍ରିୟା ଏହାର ସାମାଜିକ ଢାଞ୍ଚା, ସାମାଜିକ ସିଦ୍ଧାନ୍ତ ଏବଂ ମୂଲ୍ୟବୋଧ ବ୍ୟବସ୍ଥାରେ ବିକଶିତ ହୋଇଥାଏ । ପ୍ରଚଳିତ ସାଂସ୍କୃତିକ ବିଷୟବସ୍ତୁକୁ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ହସ୍ତାନ୍ତରଣ ପାଇଁ ବିଦ୍ୟାଳୟ ହେଉଛି ମାନବ ସମାଜର ସେହିପରି ଏକ ସୃଷ୍ଟି । ଅନୌପଚାରିକା (ଇନ୍‌ଫରମାଲ୍) ବ୍ୟବସ୍ଥାରେ ସାମାଜିକତା ଏକ ପ୍ରକ୍ରିୟା, ଯାହା ଜରିଆରେ ଗୋଷ୍ଠୀ ତାହାର ସଦସ୍ୟମାନଙ୍କୁ ସମାଜିକ ସିଦ୍ଧାନ୍ତ ଓ ମୂଲ୍ୟବୋଧ ସଂକ୍ରାନ୍ତରେ ଅବଗତ ବା ଶିକ୍ଷିତ କରାଏ । ପୁରାକାଳରେ, ଧାର୍ମିକ ଅନୁଷ୍ଠାନ ଯଥା- ଖ୍ରୀଷ୍ଟିଆନ୍ ମିସନାରୀ, ଇସ୍ଲାମୀୟ ମଦ୍ରାସା, ବୌଦ୍ଧ ମଠ ଏବଂ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନଗୁଡ଼ିକ ଶିକ୍ଷା ପ୍ରଦାନ କରୁଥିଲେ । ଏହିସବୁ ଅନୁଷ୍ଠାନଗୁଡ଼ିକର ଧର୍ମାନ୍ତରଣ ବିଶେଷତ୍ୱ ରହିଥିଲା ଏବଂ ସେମାନେ ସେମାନଙ୍କ ଧାର୍ମିକ ଆଦର୍ଶକୁ ପ୍ରସାର କରୁଥିଲେ । ଏହିସବୁ ଗୁଡ଼ିକ ସୀମିତ ପ୍ରତିଷ୍ଠିତ ଧର୍ମ ନଥିଲେ, ପ୍ରତ୍ୟେକ ସମ୍ପ୍ରଦାୟ ସେମାନଙ୍କ ସିଦ୍ଧାନ୍ତ ଓ ମୂଲ୍ୟର ପ୍ରସାର କରୁଥିଲେ । ଶିକ୍ଷା ଓ ସାମାଜିକତାର ଏହି ପ୍ରକ୍ରିୟାରେ ଆମେ ମଧ୍ୟ ଆମ ସମାଜର ପକ୍ଷପାତିତା ଓ ମତଭେଦ ଯଥା- ଅନୁକ୍ରମ, ସ୍ତର ବିନ୍ୟାସ ଓ ନିହିତ ଅସମାନତାକୁ ସଂଚରଣ କରିଥାଉ । ସମ୍ଭ୍ରାନ୍ତ ସଂସ୍କୃତିର ପ୍ରାଧାନ୍ୟ, ଲିଙ୍ଗଗତ ବିଭେଦତା ଏବଂ ଅନ୍ୟାନ୍ୟ ସାମାଜିକ-ସାଂସ୍କୃତିକ ବୈଶିଷ୍ଟ୍ୟ ମଧ୍ୟ ନୂତନ ପିଢ଼ିକୁ ସଂଚରିତ ହେଉଥିଲା । ଫରାସୀ ସମାଜବିଜ୍ଞାନୀ ପିଅର୍ ବୋର୍ଡିୟୁଙ୍କ ମତରେ ଶିକ୍ଷା ସମ୍ଭ୍ରାନ୍ତ ଶ୍ରେଣୀର ସଂସ୍କୃତିକୁ ସ୍ମରଣୀୟ କରିଥାଏ; ଯାହାକୁ ସାଂସ୍କୃତିକ ପ୍ରଜନନ କୁହାଯାଏ । ସେହିପରି ଶାସକ ଓ ଶାସିତଙ୍କ ମଧ୍ୟରେ ଶିକ୍ଷଣ ପ୍ରକ୍ରିୟା, ଶିକ୍ଷଣ ପଦ୍ଧତି ଓ ଭାଷାଗତ ପାର୍ଥକ୍ୟ ରହିଥିବା ପାଓଲୋ ଫ୍ରେଇରେ ଅନୁଧ୍ୟାନ କରିଥିଲେ । ସାମ୍ପ୍ରତିକ ବିଦ୍ୟାଳୟର ପ୍ରମୁଖ ଭୂମିକା ହେଲା-ବିଦ୍ୟାଳୟ ଏକ ନୈତିକ ପ୍ରାଧିକରଣ, ଏକ ବୃତ୍ତି ପାଇଁ ଲୋକଙ୍କୁ ପ୍ରସ୍ତୁତ କରିବା । ବିଦ୍ୟାଳୟଗୁଡ଼ିକ ଗୋଷ୍ଠୀର ପ୍ରାଧାନ୍ୟ ବିସ୍ତାର କରୁଥିବା ଶ୍ରେଣୀର ଅଧୀନ ହେବା ଅନୁଚିତ ।

(ଖ) **ଅର୍ଥନୈତିକ ଦିଗ:** ସମାନ ସୁଯୋଗ ଗଣତନ୍ତ୍ର ଓ ଶିକ୍ଷାର ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାର ଏକ ମୌଳିକ ମୂଲ୍ୟବୋଧ । ତଥାପି ସାମ୍ପ୍ରତିକ ଅର୍ଥନୈତିକ ସ୍ଥିତିରେ ସୁଯୋଗର ସମାନତା ହାସଲ ବେଳକୁ ବେଳ କଷ୍ଟକର ହେଉଥିବା ଅଧିକ ସୁସ୍ପଷ୍ଟ ହେବାରେ ଲାଗିଛି । ଅର୍ଥନୈତିକ ପ୍ରକ୍ରିୟା ଅଧିକରୁ ଅଧିକ ସୃଷ୍ଟି କରିବା ସହ ଧନୀ ଗରିବ ମଧ୍ୟରେ ତାରତମ୍ୟ ବୃଦ୍ଧି କରୁଛି । ଆପଲ୍ (୨୦୦୪) ଅନୁସାରେ ଭାରତୀୟ ବଜାର ସ୍ଥିତିରେ ଅଧିକତମ ଚାହିଦା ଥିବା କେତେକ ନିର୍ଦ୍ଦିଷ୍ଟ ଜ୍ଞାନର ଆର୍ଥିକ ଉତ୍ପାଦନ କ୍ଷେତ୍ର ଯଥା- ବୃତ୍ତିଗତ ପାଠ୍ୟକ୍ରମ, ଇଂଜିନିୟରିଂ, ଡାକ୍ତରୀ ଶିକ୍ଷା, ଏମ୍‌ସିଏ, ଏମ୍‌ବିଏ ଏବଂ ଅନ୍ୟାନ୍ୟ ପ୍ରୟୋଗାତ୍ମକ ପାଠ୍ୟକ୍ରମ ସହ ସଂମ୍ପର୍କ ରହିଛି । ତେଣୁ, ସମାଜର ଅର୍ଥନୀତି ଗୁରୁତ୍ୱପୂର୍ଣ୍ଣ ଉପାଦାନ ଅଟେ; ଯାହା କୌଣସି ଅଂଚଳର ଶୈକ୍ଷିକ ବିକାଶ ଓ ମାନବୀୟ ବିକାଶକୁ ଗଭୀରଭାବେ ପ୍ରଭାବିତ କରିଥାଏ । କାର୍ଲ ମାର୍କସ ଅର୍ଥନୀତିକୁ ସମାଜରେ କ୍ଷମତା ଓ ପ୍ରାଧାନ୍ୟଲାଭର ମୌଳିକ ସଂରଚନାଭାବେ ବିବେଚନା କରିଥିଲେ । ଆହୁରି ମଧ୍ୟ ଶୈକ୍ଷିକ ପ୍ରଣାଳୀ ସମାଜରେ ଶାସକ ଗୋଷ୍ଠୀର ନିୟନ୍ତ୍ରଣକୁ ବୈଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଏଣୁ ନିୟନ୍ତ୍ରିତ ଅର୍ଥନୀତି ସମ୍ପଦ ସୃଷ୍ଟି କରିପାରେ ମାତ୍ର ଶୈକ୍ଷିକ କ୍ଷମତା ଏହାକୁ ସମାଜରେ ସ୍ଥାୟୀ କରେ ଓ ବୈଧତା ପ୍ରଦାନ କରିଥାଏ ।

**(ଗ) ରାଜନୈତିକ ସ୍ଥିତି ଏବଂ ଏହାର ପ୍ରଭାବ:** ରାଷ୍ଟ୍ର ଓ ରାଜନୈତିକ ଦଳର ସ୍ୱରୂପ, ଏହାର ଆଦର୍ଶ ଏବଂ ନୀତି ସମାଜରେ ଶିକ୍ଷା ପ୍ରଣାଳୀର ସ୍ୱରୂପ ଓ ନୀତିକୁ ନିର୍ଦ୍ଦେଶିତ କରେ । ଗଣତନ୍ତ୍ରିକ ରାଷ୍ଟ୍ର ଗଣତନ୍ତ୍ରିକ ଶିକ୍ଷା ବିକାଶର ଆଦର୍ଶ ପ୍ରଚାର କରେ ମାତ୍ର, ଅନ୍ତର୍ନିହିତ ଅସମାନତା ଏହି ସବୁ ରାଷ୍ଟ୍ରର ଦୁର୍ବଳତା ଅଟେ । ଭାରତୀୟ ଗଣତନ୍ତ୍ର ସାଧାରଣ ବିଦ୍ୟାଳୟ ପ୍ରଣାଳୀ ଲକ୍ଷ୍ୟ ହାସଲ କରିପାରିନାହିଁ । ସମସ୍ତ ଗଣତନ୍ତ୍ରିକ ସମାଜ ସମସ୍ତଙ୍କୁ ଶିକ୍ଷା ଯୋଗାଇବାକୁ ବିଫଳ ହୋଇଛି, ବିଶେଷକରି ଅବହେଳିତ ଓ ବଞ୍ଚିତ ଗୋଷ୍ଠୀ ବିଭିନ୍ନ କାରଣ ପାଇଁ ସମାନ ସୁଯୋଗ ପାଇପାରୁ ନାହାଁନ୍ତି । ଅନ୍ୟପଟେ, ସମାଜବାଦୀ ରାଷ୍ଟ୍ର ସାଧାରଣ ଶିକ୍ଷା ବ୍ୟବସ୍ଥା ଦାବି କରୁଥିଲେ ହେଁ ଧର୍ମନିରପେକ୍ଷ ଶିକ୍ଷା ପରିବର୍ତ୍ତେ ସେମାନଙ୍କ ନିଜସ୍ୱ ରାଜନୈତିକ ଆଦର୍ଶକୁ ପ୍ରଚାର କରୁଛନ୍ତି । ୟୁଏସ୍‌ଏସ୍‌ଆର୍‌ର ସାମ୍ୟବାଦୀ ଶାସନ ଏବଂ ଜର୍ମାନୀର ନାଜି ସମାଜବାଦୀ ସିଦ୍ଧାନ୍ତ ଏହାର ଦୁଇଟି ଶ୍ରେଷ୍ଠ ଉଦାହରଣ । ୧୯୩୩ରେ, ନାଜି ଜର୍ମାନ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟଗୁଡ଼ିକ ନାଜି ସିଦ୍ଧାନ୍ତକୁ ବିନା କୌଣସି ପ୍ରଶ୍ନରେ ଗ୍ରହଣ ପାଇଁ ଛାତ୍ରମାନଙ୍କୁ ପ୍ରବର୍ତ୍ତାଇବାକୁ ପ୍ରସ୍ତୁତ ହୋଇଥିଲେ । ସେହିପରି ୧୯୧୭ ପରେ ୟୁଏସଏସ୍‌ଆର୍ ତାହାର ସାମ୍ୟବାଦୀ ଏଜେଣ୍ଡା ଚଳାଇବା ପାଇଁ ଶିକ୍ଷାକୁ ବ୍ୟବହାର କରିଥିଲା ଏବଂ ଶୈକ୍ଷିକ ଅନୁଷ୍ଠାନମାନ ସତ୍ୟ ଅନୁସନ୍ଧାନ କରିବା ପରିବର୍ତ୍ତେ ରାଜନୈତିକ ସାମାଜିକ ସ୍ଥାନଭାବେ ପରିଗଣିତ ହେଉଥିଲା ।

ଉପର ଉଲ୍ଲିଖିତ ଉପାଦାନଗୁଡ଼ିକର ଶିକ୍ଷା ବ୍ୟବସ୍ଥା ଓ ଏହାର ବିକାଶ ଉପରେ ଗଭୀର ପ୍ରଭାବ ରହିଛି । ଏହି ତିନିଟି ଉପାଦାନ ବ୍ୟତୀତ ସମାଜର ଐତିହାସିକ ସତ୍ୟତା, ଭୌଗୋଳିକ ପ୍ରସଙ୍ଗ ଏବଂ ଅନ୍ୟାନ୍ୟ ଜଟିଳତା ପରୋକ୍ଷଭାବେ ଶିକ୍ଷା ପ୍ରକ୍ରିୟା ଓ ସମାଜର ସାମଗ୍ରିକ ବିକାଶକୁ ପ୍ରଭାବିତ କରିଥାଏ । ଏହି ସବୁ ପ୍ରଭାବ, ଦକ୍ଷତାର ଅନ୍ତର ଏବଂ ପାରିବାରିକ ପୃଷ୍ଠଭୂମି ସତ୍ତ୍ୱେ ପିଲାମାନଙ୍କୁ ସମାନଭାବେ ଆବଶ୍ୟକ ସମ୍ମାନ, ବିଦ୍ୟାଳୟ ଗୋଷ୍ଠୀ ସଦସ୍ୟତାରେ ସମାନତା ଏବଂ ସେମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶରେ ସମାନ ସୁଯୋଗ ପ୍ରଦାନ କରାଯିବା ଉଚିତ ।

ଗତ ଅଧ୍ୟାୟରେ ତୁମେ ଶିକ୍ଷା ପ୍ରକ୍ରିୟାରେ ସମାଜର ଭୂମିକା ବିଶେଷକରି ଶିକ୍ଷା ପ୍ରଣାଳୀ ବିକାଶରେ ଏହାର ତିନିଟି ଉପଦାନ ସାମାଜିକ-ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତିର ଭୂମିକା ସମ୍ପର୍କରେ ଅଧ୍ୟୟନ କରିଛ । ଏବେ ତୁମ ପ୍ରଗତି ପରଖିବା ପାଇଁ ନିମ୍ନ ଲିଖିତ ପ୍ରଶ୍ନର ଉତ୍ତର ଦିଅ:

**ନିଜ ଅଗ୍ରଗତି ଆକଳନ -୪**

ଟିପ୍ପଣୀ କ- ପ୍ରାୟ ୫୦ଟି ଶବ୍ଦ ମଧ୍ୟରେ ତୁମ ଉତ୍ତର ଲେଖ ।

ଖ-ତୁମ ଉତ୍ତରକୁ ଏହି ଏକକ ଶେଷରେ ଦିଆଯାଇଥିବା ଆଦର୍ଶ ଉତ୍ତର ସହ ମିଳାଇ ଦେଖ ।

୧-ଶିକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରୁଥିବା ସାମାଜିକ-ସାଂସ୍କୃତିକ ଉପାଦାନଗୁଡ଼ିକ କ'ଣ ?

------------------------------------------------------------------

------------------------------------------------------------------

------------------------------------------------------------------

--------------------------

୨-ଶିକ୍ଷା ବ୍ୟବସ୍ଥାକୁ ସାମ୍ୟବାଦୀ ରାଷ୍ଟ୍ର କିପରି ପ୍ରଭାବିତ କରେ ?

------------------------------------------------------------------

------------------------------------------------------------------

------------------------------------------------------------------

--------------------------

ଟିପ୍ପଣୀ

## ୧.୬ ସାରାଂଶ

ଏହି ଏକକରେ ତୁମେ ସମାଜ ସଂକ୍ରାନ୍ତ ଧାରଣା, ଏହାର ମୌଳିକ ଅନୁଷ୍ଠାନ ଯଥା-ପରିବାର, ଧର୍ମ, ଶିକ୍ଷା, ରାଜନୀତି ଓ ଶିକ୍ଷା ବ୍ୟବସ୍ଥା ଏବଂ ସମାଜର ଗୋଷ୍ଠୀ ଦିଗରେ ସେ ସବୁର ସମ୍ମିଳିତ ଭୂମିକା ପାଠ କଲ । ଆମେ ମଧ୍ୟ ଭାରତୀୟ ସମାଜ ଏବଂ ଗଭୀର ଇତିହାସରୁ ଏହାର ଉଦ୍ଭବ ସମ୍ପର୍କରେ ଜାଣିଲେ । ଇତିହାସ କେବଳ ଯେ ପ୍ରମୁଖ ଘଟଣାବଳୀକୁ ଚିତ୍ରଣ କରିଥାଏ ତା' ନୁହେଁ, ଏହା ମଧ୍ୟ ଏକତା, ବିଭିନ୍ନତା ଏବଂ ନିରନ୍ତରତାର ଅଦ୍ୱିତୀୟ ବୈଶିଷ୍ଟ୍ୟକୁ ଏକକ ଭାରତୀୟ ସଂସ୍କୃତିଭାବେ ଦର୍ଶାଏ । ଆମେ ଜାଣିଛୁ ଯେ ଯେକୌଣସି ସମାଜ ଓ ଏହାର ଶିକ୍ଷା ବ୍ୟବସ୍ଥାକୁ ବୁଝିବାରେ ସଂସ୍କୃତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସମାଜର ଆରମ୍ଭ ସମୟରୁ ଶିକ୍ଷା ଓ ସମାଜ ମଧ୍ୟରେ ସମ୍ପର୍କ ନିବିଡ଼ । ଗୋଟିଏ ପଟେ, ସମାଜରେ ବିଭିନ୍ନ ଭୂମିକା ତୁଲାଇବା ପାଇଁ ଶିକ୍ଷା ବ୍ୟକ୍ତିକୁ ପ୍ରସ୍ତୁତ କରୁଥିବା ବେଳେ ଅନ୍ୟପଟେ, ସାମାଜିକ ବ୍ୟବସ୍ଥା ଓ ସଦସ୍ୟମାନଙ୍କୁ ପ୍ରଦାନ କରାଯିବାକୁ ଥିବା ଶିକ୍ଷାର ପ୍ରକୃତିକୁ ସମାଜ ଓ ସଂସ୍କୃତି ନିର୍ଦ୍ଧାରଣ କରିଥାଏ । ସରଳରୁ ଜଟିଳ ପ୍ରତ୍ୟେକ ସମାଜରେ ନିଜର ଯୁବପିଢ଼ିକୁ ଶିକ୍ଷିତ କରିବାକୁ ନିଜସ୍ୱ ଶିକ୍ଷା ବ୍ୟବସ୍ଥା ରହିଛି ଏବଂ ସେହି ଅନୁସାରେ ଅନୁଷ୍ଠାନମାନ ଗଢ଼ିଉଠେ । ଉପର ଲିଖିତ ଦୁଇଟି ଭାଗ ଏହାକୁ ବୁଝିବା ପାଇଁ ଉଦ୍ଦିଷ୍ଟ । ପ୍ରଥମତଃ ଶିକ୍ଷା ସମାଜରେ ସଂସ୍କୃତି ଓ ଜ୍ଞାନ ବିତରଣ ପାଇଁ ଅନେକ ସାମାଜିକ କାର୍ଯ୍ୟ ସମ୍ପାଦନ କରେ । କେବଳ ଏହା ଏକାକୀ ମାନବଜାତିକୁ ପୃଥିବୀର ଅନ୍ୟ ପ୍ରାଣୀଙ୍କ ଠାରୁ ଭିନ୍ନ କରିଥାଏ । ଦ୍ୱିତୀୟତଃ ସମାଜ ମଧ୍ୟ ଶିକ୍ଷା ପ୍ରକ୍ରିୟାରେ ଉଲ୍ଲେଖନୀୟ ଭୂମିକା ତୁଲାଏ ।

## ୧.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

ନିଜ ଅଗ୍ରଗତି ଆକଳନ -୧

୧- ସମାଜ ସମ୍ପର୍କର ଏକ ଛନ୍ଦାଛନ୍ଦି ଜାଲ; ଯାହା ଭୂମିକା ଓ ସ୍ଥିତି ମାଧ୍ୟମରେ ବୁଝାଯାଇଥାଏ । ମାକ୍ଆଇଭର୍ ଏବଂ ପେଜ୍ଙ୍କ ଅନୁସାରେ "ସମାଜ ହେଉଛି ଅନେକ ଚଳଣି ଓ ପ୍ରଣାଳୀର ଏକ ଉପଯୋଗ ଓ ନିୟମାବଳୀ, ପ୍ରାଧିକରଣ ଓ ପାରସ୍ପରିକ ସହଯୋଗ, ମାନବ ବ୍ୟବହାରର ନିୟନ୍ତ୍ରଣ ଓ ସ୍ୱତନ୍ତ୍ରତାର ଏକ ବ୍ୟବସ୍ଥା ।"

୨- ପ୍ରତ୍ୟେକ ସମାଜରେ ରହିଥିବା ମୌଳିକ ଏକକ ହେଉଛି ପରିବାର । ଏହା ପ୍ରଥମ ବିଦ୍ୟାଳୟ ଅଟେ, ଯେଉଁଠାରେ ପିଲାମାନେ ସେମାନଙ୍କର ପ୍ରାରମ୍ଭିକ ଶିକ୍ଷଣ ଆରମ୍ଭ କରିଥାନ୍ତି । ଏହା ବୈବାହିକ ବନ୍ଧନଠାରୁ ଆରମ୍ଭ କରି ବୈଧ ପ୍ରଜନନ, ପିଲାଙ୍କ ଯତ୍ନ, ମାନବୀୟ ବ୍ୟବହାର ଓ କାର୍ଯ୍ୟର ନିୟନ୍ତ୍ରଣ ଏବଂ ବ୍ୟବହାର ଅନୁସାରେ ଅର୍ଥନୈତିକ ଏକକଭାବେ ସମାଜ ଓ ବ୍ୟକ୍ତିର ଅନେକ କାର୍ଯ୍ୟ ସମ୍ପାଦନ କରେ । ଏହା ମଧ୍ୟ ବିବାହ, ବନ୍ଧୁତ୍ୱ ପରି ଅନ୍ୟ ସହଯୋଗୀ ଅନୁଷ୍ଠାନ ସହ ସମ୍ପୃକ୍ତ ଭୂମିକା ସମ୍ପନ୍ନ କରିଥାଏ ।

**ନିଜ ଅଗ୍ରଗତି ଆକଳନ -୨**

୧-ଭାରତୀୟ ସମାଜକୁ ବୁଝିବା ପାଇଁ ଏକତାର ନିମ୍ନଲିଖିତ ବୈଶିଷ୍ଟ୍ୟ ଗୁରୁତ୍ୱପୂର୍ଣ୍ଣ:

କ-ଭାରତୀୟ ଉପମହାଦେଶରେ କ୍ଷେତ୍ରୀୟ ଅଖଣ୍ଡତା;

ଖ-ଭାରତୀୟ ଇତିହାସରେ ପ୍ରତିଫଳିତ ଏକକ ସାଂସ୍କୃତିକ ପଦକ୍ଷେପ

ଗ- ସମଗ୍ର ଭାରତରେ ଏକକ ବର୍ଣ୍ଣ ମଡେଲ୍ ଏବଂ ବର୍ଣ୍ଣ ଆଶ୍ରମ ବ୍ୟବସ୍ଥା

ଘ-ଭାରତୀୟ ଉପମହାଦେଶର ସୁଦୀର୍ଘ ଏକକ ଐତିହାସିକତା ଏହାକୁ ଅଦ୍ୱିତୀୟ ସାଂସ୍କୃତିକ ପରମ୍ପରା ସମ୍ପନ୍ନ କରିଛି । ୫୦୦୦ ବର୍ଷରୁ ଊର୍ଦ୍ଧ୍ୱ ପୁରାତନ ସମାଜ ଏହାର ସାଂସ୍କୃତିକ ସମନ୍ୱୟତା ଓ ପରିପକ୍ୱତାକୁ ଦର୍ଶାଏ ।

ଟିପ୍ପଣୀ

୨-ଐତିହାସିକ ଦୃଷ୍ଟିରୁ ବିଶ୍ୱର ଅନେକ ଅଂଶରୁ ବିଶେଷକରି ୟୁରୋପ, ଏସିଆରୁ ସକ, ପ୍ରତିହାରୀ, କୁଶାଣ, ମଙ୍ଗୋଲ, ମୋଗଲ, ର୍ପତୁଗୀଜ୍, ବ୍ରିଟିଶ, ଫରାସୀ, ଡଚ୍ ଓ ଅନ୍ୟାନ୍ୟ ଅନେକ ଭ୍ରମଣକାରୀ ଗୋଷ୍ଠୀଙ୍କ ଭୂମି ରହିଆସିଛି ଭାରତ ।

## ତୁମ ଅଗ୍ରଗତି ଆକଳନ କର-୩

୧ - ଶିକ୍ଷା ସମାଜର ଅସମାନତା ଓ ବିଭେଦତା ସମେତ ବିଭିନ୍ନ ସମସ୍ୟାର ସମାଧାନ କରି ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ । ଶିକ୍ଷା ମାଧ୍ୟମରେ ଜଣେ ଜ୍ଞାନ ଆହରଣ କରିପାରେ ଏବଂ ତାହାର ଅର୍ଥନୈତିକ ଓ ସାମାଜିକ ସ୍ଥିତିକୁ ବଦଳାଇ ପାରେ । ଏଣୁ, ଶିକ୍ଷା ସ୍ଥିତି ବୃଦ୍ଧି କରି ଜଣେ ବ୍ୟକ୍ତି ଶକ୍ତି ଆହରଣ କରିପାରିବ ଏବଂ ସଶକ୍ତିକରଣ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବ । ମହିଳା ସାକ୍ଷରତା ଏବଂ ମହିଳା ସଶକ୍ତିକରଣ ପଦକ୍ଷେପ ପାଇଁ ମଧ୍ୟ ଏହା ଉଲ୍ଲେଖନୀୟ । ସେହିପରି, ଆଂଚଳିକ ବିକାଶ ଯେକୌଣସି ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ଥିତି ଉପରେ ବିଶେଷ ନିର୍ଭରଶୀଳ ।

୨ - ଶିକ୍ଷା ସାଧାରଣତଃ ସମାଜର ଭିତ୍ତିଭୂମିଭାବେ ଗ୍ରହଣୀୟ; ଯାହା ଅର୍ଥନୈତିକ ସମ୍ପତ୍ତି, ସାମାଜିକ ସମୃଦ୍ଧି ଓ ରାଜନୈତିକ ସ୍ଥିରତା ଆଣେ । ଏହା ଯେକୌଣସି ଆଧୁନିକ ସମାଜ ବିକାଶର ଏକ ପ୍ରମୁଖ ଦିଗ ଅଟେ ଏବଂ କୌଣସି ଅଞ୍ଚଳର ସର୍ବାଙ୍ଗୀନ ବିକାଶର ମହତ୍ୱପୂର୍ଣ୍ଣ ସୂଚକ ଅଟେ । ଶିକ୍ଷା ଆମକୁ ଜ୍ଞାନ ପ୍ରଦାନ କରେ ଏବଂ ଜ୍ଞାନ କ୍ଷମତା ପ୍ରଦାନ କରେ । ସମ୍ପ୍ରତି, କୌଣସି ବ୍ୟକ୍ତି ବା ରାଷ୍ଟ୍ରର ବିକାଶର ସ୍ତର ମୂଲ୍ୟାୟନ କରିବା ପାଇଁ ଶିକ୍ଷା ହେଉଛି ଅନ୍ୟତମ ସୃଷ୍ଟି । ବିଶ୍ୱବ୍ୟାପୀ ଏହି ତଥ୍ୟକୁ ଗ୍ରହଣ କରାଯାଏ ଏବଂ ଆମେ ଏହାକୁ ବିଶ୍ୱବ୍ୟାଙ୍କ ରିପୋର୍ଟ (ଡବ୍ଲୁବି), ମାନବ ଅଭିବୃଦ୍ଧି ରିପୋର୍ଟ (ୟୁଏନ୍) ଏବଂ ସାମାଜିକ ବିକାଶ ରିପୋର୍ଟ (ସିଏସ୍‌ଡି)ରେ ଲକ୍ଷ୍ୟ କରିପାରିବା ।

## ନିଜ ଅଗ୍ରଗତି ଆକଳନ -୪

୧ - ଯେକୌଣସି ସମାଜର ଶିକ୍ଷା ଏହାର ସାମାଜିକ-ସାଂସ୍କୃତିକ ଉପାଦାନ ସହ ପ୍ରତ୍ୟକ୍ଷ ଭାବେ ଜଡ଼ିତ । ଶିକ୍ଷାର ପ୍ରକ୍ରିୟା ଏହାର ସାମାଜିକ ସଂରଚନା, ସାମାଜିକ ସିଦ୍ଧାନ୍ତ ଏବଂ ମୂଲ୍ୟ ପ୍ରଣାଳୀରେ ବିକଶିତ ହୋଇଥାଏ । ବିଦ୍ୟାଳୟ ହେଉଛି ପ୍ରଚଳିତ ସାଂସ୍କୃତିକ ବିଷୟବସ୍ତୁକୁ ଗୋଟିଏ ପିଢ଼ିରୁ ଅନ୍ୟ ଏକ ପିଢ଼ିକୁ ହସ୍ତାନ୍ତର ପାଇଁ ମାନବ ସମାଜର ଏକ ସୃଷ୍ଟି । ଏଣୁ ବିଦ୍ୟାଳୟ ସମାଜର ଏକ ଅଂଶ; ଶିକ୍ଷକ, ଶିକ୍ଷାର୍ଥୀ ଏବଂ ପିତାମାତା ସେହି ସମାଜରୁ ଆନୀତ । ବିଦ୍ୟାଳୟଗୁଡ଼ିକୁ ପୃଥକଭାବେ ଗ୍ରହଣ କରାଯାଇ ପାରିବ ନାହିଁ ।

୨ - ରାଷ୍ଟ୍ର ଓ ରାଜନୈତିକ ଦଳର ସ୍ୱରୂପ, ଏହାର ଆଦର୍ଶ ଏବଂ ନୀତି ସମାଜରେ ଶିକ୍ଷା ପ୍ରଣାଳୀର ସ୍ୱରୂପ ଓ ନୀତି ଦର୍ଶାଏ । ସମାଜବାଦୀ ରାଷ୍ଟ୍ର ସାଧାରଣ ଶିକ୍ଷା ବ୍ୟବସ୍ଥା ଦାବି କରୁଥିଲେ ହେଁ ଧର୍ମନିରପେକ୍ଷ ଶିକ୍ଷା ପରିବର୍ତ୍ତେ ସେମାନଙ୍କ ନିଜସ୍ୱ ରାଜନୈତିକ ଆଦର୍ଶକୁ ପ୍ରଚାର କରୁଛନ୍ତି । ୟୁଏସ୍‌ଏସ୍‌ଆର୍‌ର ସାମ୍ୟବାଦୀ ଶାସନ ଏବଂ ଜର୍ମାନୀର ନାଜି ସମାଜବାଦୀ ସିଦ୍ଧାନ୍ତ ଏହାର ଦୁଇଟି ଶ୍ରେଷ୍ଠ ଉଦାହରଣ । ୧୯୩୩ରେ, ନାଜି ଜର୍ମାନ ଶିକ୍ଷା ବ୍ୟବସ୍ଥାରେ ବିଦ୍ୟାଳୟଗୁଡ଼ିକ ନାଜି ସିଦ୍ଧାନ୍ତକୁ ବିନା କୌଣସି ପ୍ରଶ୍ନରେ ଗ୍ରହଣ ପାଇଁ ଛାତ୍ରମାନଙ୍କୁ ପ୍ରବର୍ତ୍ତାଇବାକୁ ପ୍ରସ୍ତୁତ ହୋଇଥିଲେ । ସେହିପରି ୧୯୧୭ ପରେ ୟୁଏସଏସ୍‌ଆର୍ ତାହାର ସାମ୍ୟବାଦୀ ଏଜେଣ୍ଡା ଚଳାଇବା ପାଇଁ ଶିକ୍ଷାକୁ ବ୍ୟବହାର କରିଥିଲା ଏବଂ ଶୈକ୍ଷିକ ଅନୁଷ୍ଠାନମାନ ସତ୍ୟ ଅନୁସନ୍ଧାନ କରିବା ପରିବର୍ତ୍ତେ ରାଜନୈତିକ ସାମାଜିକ ସ୍ଥାନଭାବେ ପରିଗଣିତ ହେଉଥିଲା ।

ଟିପ୍ପଣୀ

## ୧.୮ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Dube, S.C. (1996) Indian society, National Book Trust, New Delhi
- MacIver, R. M. and Page, C.H. (1996) Society: An Introductory Analysis, Macmillan India, Madras
- Apple, Michael (2004) Ideology and Curriculum, Rutledge, New York
- Kumar, Krishna (1992) What is Worth Teaching? Orient Longman, New Delhi
- Antonio Gramsci, David Forgacs, Eric J. Hobsbawm (2000) the Antonio Gramsci Reader: Selected Writings, 1916-1935, New York University Press
- Paul Freire (1970) Pedagogy of the Oppressed, (translated in 1982) Seabury Press, New York
- K.S Singh (1991) The People of India, Anthropological Survey of India, Government of India, New Delhi


## ୧.୯ ଶବ୍ଦକୋଷ/ସଂକ୍ଷିପ୍ତ ରୂପ

୧- ଗୋଷ୍ଠୀ:-କିଛି ଲୋକଙ୍କୁ ନେଇ ଗଠିତ ଏକ ଦଳ ଏକ ସ୍ଥାୟୀ ଅଂଚଳରେ ବସବାସ କରିବା, ଏକକ ସଂସ୍କୃତି ଆପଣାଇବା ଏବଂ ସେମାନଙ୍କ ମଧ୍ୟରେ ଆପଣାର ଭାବନା ରହିଥିଲେ ତାହାକୁ ଏକ ଗୋଷ୍ଠୀ କୁହାଯାଏ । ଏହା ଏକ ଜନବସତି, ଗାଁ, ସହର, ଜାତି ବା ରାଷ୍ଟ୍ର ହୋଇପାରେ ।

୨- ସାମାଜିକତା:-ଏହା ହେଉଛି ଏକ ପ୍ରକ୍ରିୟା ଯାହା ଜରିଆରେ ଗୋଷ୍ଠୀ ଓ ପରିବାର ସେମାନଙ୍କ ସଦସ୍ୟ ବିଶେଷକରି ଯୁବପିଢ଼ିଙ୍କୁ ଶିକ୍ଷିତ କରାନ୍ତି । ଯେଉଁଠାରେ ସମାଜର ସଦସ୍ୟମାନେ ସାମାଜିକ ମାନଦଣ୍ଡ, ମୂଲ୍ୟବୋଧକୁ ଅନୁପାଳନ କରନ୍ତି । ସାମାଜିକ ମାନ (ମାନଦଣ୍ଡ) ଓ ମୂଲ୍ୟବୋଧ ଅଧିକାଂଶ ସମୟରେ ବୈଧ-ଆଇନଗତ ଧାରା ଏବଂ ନୀତିର ବିରୋଧାଚରଣ (ଅସଂଗତ) ହୋଇଥାଏ । ପରନ୍ତୁ ସମାଜ ସମୟ ଅନୁସାରେ ପରିବର୍ତ୍ତିତ ହୁଏ ।

୩- ଔପଚାରିକ ଶିକ୍ଷା:-ଔପଚାରିକ ଶିକ୍ଷା ଏକ ବ୍ୟବସ୍ଥିତ, ସଂଗଠିତ ଶିକ୍ଷା ଢାଞ୍ଚାର ଅନୁରୂପ, ପ୍ରଦତ୍ତ ଆଇନ ଓ ମାପଦଣ୍ଡ ଅନୁସାରେ ସଂରଚିତ ଓ ଗଠିତ ଏବଂ ଉଦ୍ଦେଶ୍ୟ, ବିଷୟବସ୍ତୁ ଓ ପଦ୍ଧତି ଦୃଷ୍ଟିରୁ ତୁଳନାତ୍ମକଭାବେ ଜଟିଳଭାବେ ପ୍ରଦର୍ଶିତ । ଏହା ସାଧାରଣତଃ ଆମ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଦ୍ୱାରା ଗୃହୀତ ଶିକ୍ଷା ପ୍ରକ୍ରିୟା ଅନୁରୂପ ହୋଇଥାଏ ।

୪- ଅନୌପଚାରିକ ଶିକ୍ଷା:- ଔପଚାରିକ ଶିକ୍ଷା ପରି ଅନୌପଚାରିକ ଶିକ୍ଷା ଉତ୍ତମଭାବେ ପରିଭାଷିତ ବୈଶିଷ୍ଟ୍ୟଯୁକ୍ତ ହୋଇନଥାଏ । ଏହାର ରଣନୀତିରେ ଛାତ୍ର ଉପସ୍ଥାନ, ଛାତ୍ର-ଶିକ୍ଷକ ସମ୍ପର୍କରେ ଅବନତିର ଆବଶ୍ୟକତା ନଥାଏ । ଏହାର ଅଧିକାଂଶ କ୍ରିୟାକଳାପ ଅନୁଷ୍ଠାନ ବାହାରେ ହୋଇଥାଏ ଯେପରି ଘରେ ରହି ଅଧ୍ୟୟନ କରିବା ଏବଂ ଅନ୍ୟାନ୍ୟ ଦତ୍ତ କାର୍ଯ୍ୟ ସମ୍ପାଦନ କରିବା । ଏହା ଛାତ୍ରଛାତ୍ରୀଙ୍କ ଆବଶ୍ୟକତା ଓ ଆଗ୍ରହକୁ ସୁହାଇବା ପରି, ସେମାନଙ୍କ ନିଜସ୍ୱ ଗତି, ଦିଶା ଓ ଆବଶ୍ୟକତା ଅନୁସାରେ ସରଳ ପାଠ୍ୟକ୍ରମ ଓ ପଦ୍ଧତି ସହ ସମ୍ପନ୍ନ ହୋଇଥାଏ । ବୈଶିଷ୍ଟ୍ୟ ଦୃଷ୍ଟିରୁ ମୁକ୍ତ ଓ ଦୂର ଶିକ୍ଷା ବ୍ୟବସ୍ଥା ଏହି ଅଣଔପଚାରିକ ଶିକ୍ଷା ପରିସରଭୁକ୍ତ ।

ଟିପ୍ପଣୀ

## ୧.୧୦ ପାଠାନ୍ତ ପ୍ରଶ୍ନାବଳୀ

୧- ସମାଜର ବିଭିନ୍ନ ଅନୁଷ୍ଠାନର ଭୂମିକା ବ୍ୟାଖ୍ୟା କର ।

୨- ଭାରତୀୟ ସମାଜରେ ବିଭିନ୍ନତାର ବୈଶିଷ୍ଟ୍ୟ ବର୍ଣ୍ଣନା କର ।

୩- ସମାଜର ବିକାଶର ଦିଗରେ ଶିକ୍ଷାର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କର ।

୪- ଔପଚାରିକ ଓ ଅଣଔପଚାରିକ ଶିକ୍ଷା ମଧ୍ୟରେ ପ୍ରଭେଦ ଦର୍ଶାଅ ।

୫- ସାମାଜିକତା ଓ ଶିକ୍ଷା କିପରିଭାବେ ପରସ୍ପର ସହ ସମ୍ପର୍କିତ ।

■